
ସୁନାଝିଅ ଅବନୀ ଲେଖର
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 198 | ଭାଗ ୩୨ | ସଂଖ୍ୟା୧୯୮ | Bhubaneswar | Monday 07 October 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୭ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ଆରଆଇ ଅମିନ ପରୀକ୍ଷା ବିବାଦ
## ବ୍ଲାକ୍‌ଲିଷ୍ଟ କମ୍ପାନୀକୁ ଅନୁକମ୍ପା କାହିଁକି



ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ଗତ କିଛିଦିନ ହେଲା ଆରଆଇ ଓ ଅମିନ ପରୀକ୍ଷାକୁ ନେଇ ରାଜ୍ୟରେ ଚାଲିଛି ତୁମ୍ବିତୋଫାନ। ପରୀକ୍ଷା ପରିଚାଳନା ଦାୟିତ୍ୱ ଯେଉଁ କମ୍ପାନୀକୁ ଦିଆଯାଇଥିଲା ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତାକୁ ବ୍ଲାକଲିଷ୍ଟ କରିବାକୁ ଦାବି ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ପରୀକ୍ଷା ପରିଚାଳନା କରୁଥିବା ଘରୋଇ କମ୍ପାନୀକୁ କିଏ ଦେଇଥିଲା ସ୍ୱିକୃତୀ। ଘରୋଇ କମ୍ପାନୀର ସ୍ୱିକୃତୀକୁ ନେଇ ଖିଅ ଖୋଜୁ ଖୋଜୁ ଏହି ସ୍କାମର ଚେର ଲମ୍ବିଛି ପୂର୍ବତନ ବିଜେଡି ସରକାରଙ୍କ କିଛି ବଡବାବୁଙ୍କ ଯାଏଁ।

ବିଜେଡି ସରକାରରେ କୋଟି କୋଟି ଟଙ୍କାର କାରବାର କରି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛନ୍ତି କିଛି ଦୁର୍ନିତୀ ଖୋର ବାବୁ। ସାମ୍ନାକୁ ଆସିଲା ବଡ଼ ସତ। ପରୀକ୍ଷା ପରିଚାଳନା ପାଇଁ ଘରୋଇ କମ୍ପାନୀ ଗୁଡ଼ିକୁ ସ୍ୱତନ୍ତ୍ର ସିକୃତି ଦେଇ ଘୋଟାଲା ପାଇଁ ନିଜେ ବାଟ ଫିଟେଇଥିଲେ ପୁର୍ବ ବିଜେଡି ସରକାର। ରାଜ୍ୟରେ ପୃଷ୍ଠା-୬

# ଷ୍ଟ୍ରାଟେଜୀରେ ଫେଲ୍ ସନ୍ୟାସୀ

### ଲୋକହସା ହେବେ ନବୀନ

ଭୁବନେଶ୍ୱର ୬।୧୦ (ସଂଚାର ବ୍ୟୁରୋ): ଚାରି ମାସ ତଳେ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖାନ ହୋଇଥିବା ବିଜେଡି ନେତା ଏବେ ବିଜେପି ସରକାରର ଦୋଷ ଖୋଜି ଲୋକଙ୍କ ପାଖକୁ ଯିବାକୁ ସଜବାଜ ହେଉଛନ୍ତି। ଆଜି ଏ ନେଇ ଦଳ ପକ୍ଷରୁ ଘୋଷଣା ହେବା ପରେ ବିଜେଡି ନେତାଙ୍କ ଭିତରେ ଭାଳେଣି ପଡିଛି। କେଉଁ ଦୋଷ ଦୂର୍ବଳତା ଖୋଜିବେ। ବର୍ତ୍ତମାନ ସରକାରର ସବୁ ବିଫଳତା ଓ ସ୍କାମ କଥା ଦଳର ନେତାମାନେ ଚିନ୍ତା କରୁଛନ୍ତି ସେସବୁ ପୂର୍ବ ସରକାର ଅର୍ଥାତ ବିଜେଡି କାରନାମାର ପ୍ରତିଫଳନ। ଏକଥା ନିଜେ ବିଜେଡି ନେତାମାନେ ବି ଜାଣିଛନ୍ତି। ତେଣୁ କେଉଁ ମୁହଁରେ ସେମାନେ ଲୋକଙ୍କୁ ସରକାରଙ୍କ ବଫଳତା ବୋଲି କହିବେ। ଆଉ ସୁପ୍ରିମୋ ନିର୍ଦ୍ଦେଶରେ ଯଦିବା ବାଧ୍ୟବାଧକତା ଲୋକଙ୍କୁ କହିବେ, ତେବେ ଲୋକେ ଯଦି ପାଲଟା ପ୍ରଶ୍ନ କରିବେ ତେବେ ସେମାନଙ୍କୁ କି ଉତ୍ତର ଦିଆଯିବ?



ତେଣୁ ଲୋକହସା ଭୟରେ ଅନେକ ନେତା ପଛଘୁଞ୍ଚା ଦେଉଛନ୍ତି। କାରଣ ବିଜେପି ସରକାର ବିରୁଦ୍ଧରେ ଲୋକଙ୍କୁ କଣ କହିବେ ତାହା ସେମାନେ ଜାଣିପାରୁ ନାହାନ୍ତି । ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ କାନ୍ଧରେ ଏହି ଦାୟିତ୍ୱ ଦିଆଯାଇ ତାଙ୍କୁ ଲୋକହସା କରିବାକୁ ଚକ୍ରାନ୍ତ କରାଯାଉଥିବା ଚର୍ଚ୍ଚା ହେଉଛି। ଓଡ଼ିଶାରେ ୨୫ବର୍ଷ ଶାସନରେ ରହିବା ପରେ ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଗତା ବିଶେଷକରି ଅଣଓଡ଼ିଆ ଅଫିସରଙ୍କ ପ୍ରାର୍ଦୁଭାବ ଯୋଗୁଁ ଓଡ଼ିଶାବାସୀ ବିଜେଡିକୁ ପ୍ରତ୍ୟାଖାନ କରି ବିଜେପିକୁ ସରକାରକୁ ଆଣିଛନ୍ତି । ବିଜେପି ସରକାରକୁ ଆସିବା ଚାରିମାସ ହୋଇଛି । ଏପର୍ଯ୍ୟନ୍ତ ମନ୍ତ୍ରୀମାନେ ସରକାରୀ ଘରଟିଏ ପାଇନାହାନ୍ତି କି ଅଫିସରମାନେ ବଦଳି ନାହାନ୍ତି । ତଥାପି କ୍ଷମତା ପାଇଁ ଛଟପଟ ହେଉଥିବା ବିଜେଡି ନୂଆ ସରକାରର ଦୋଷ ଦୁର୍ବଳତା ଖୋଜି ଲୋକଙ୍କ ପାଖକୁ ଯିବ ବୋଲି କହିଲାଣି। ଏହା ବିଜେଡି ପାଇଁ ଆତ୍ମଘାତୀ ଓ ବୁମେରାଂ ହେବ ବୋଲି ଆକଳନ କରାଯାଉଛି। ଏହାସହ ଦଳର ବରିଷ୍ଠ ନେତାମାନେ କେବଳ ଲୋକହସା ହେବେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି ।

ବିଜେଡି ସରକାର ଅମଳରେ ହୋଇଥିବା ଗୋଟିଏ ପରେ ଗୋଟିଏ ଘୋଟାଲା ଏବେ ପଦାକୁ ଆସୁଛି। ୫-ଟି ସ୍କୁଲ ଠାରୁ ଆରମ୍ଭ କରି ମଠ ମନ୍ଦିର ପୁନରୁଦ୍ଧାର ନାଁରେ କୋଟି କୋଟି ଟଙ୍କା ବଣ୍ଟାଯିବା, ସ୍ୱତନ୍ତ୍ର ବିମାନରେ ଫାଇଭ-ଟି ଅଧ୍ୟକ୍ଷ ବୁଲି ବୁଲି ଅଭିଯୋଗ ପୃଷ୍ଠା-୬

### ଆଜି ମାଓ ମୁକାବିଲା ବୈଠକ
## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତାକାଲି (ସୋମବାର) ହେବାକୁ ଥିବା ମାଓ-ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ଅଂଶଗ୍ରହଣ କରିବେ। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆନ୍ଧ୍ର ପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ବୈଠକରେ ବାମପନ୍ଥୀ ଉଗ୍ରବାଦ (ଏଲ୍‌ଡବ୍ଲ୍ୟୁଇ) ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶ ସହାୟତା ଯୋଗାଣରେ ଜଡ଼ିତ ୫ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବେ। ଜାତୀୟ ସୁରକ୍ଷା ଅତିରିକ୍ତ ପରାମର୍ଶଦାତା, ରାଜ୍ୟ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିବେ। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ବାମପନ୍ଥୀ ଉଗ୍ରବାଦକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ଲକ୍ଷ୍ୟ ନେଇ କାମ କରୁଛନ୍ତି । କେନ୍ଦ୍ର ସରକାର ମାଓ ପ୍ରଭାବିତ ରାଜ୍ୟ ସରକାରଙ୍କୁ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେଉଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨୦୨୩ ଅକ୍ଟୋବର ୬ରେ ନକ୍ସଲ ପ୍ରଭାବିତ ରାଜ୍ୟର ପୃଷ୍ଠା-୬

# ଖଣିଜ ସମ୍ପଦ ଉପରେ ଲାଗୁ ହେଉ ରାଜ୍ୟ ଟିକସ

- ସ୍ୱତନ୍ତ୍ର ଅଧିବେଶନ ଡାକି ନୂଆ ବିଲ୍ ଆଣାଯାଉ
- ମୋହନଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ସୁପ୍ରିମକୋର୍ଟ ଗତ ଚାରି ତାରିଖରେ ନେଇଛନ୍ତି ଐତିହାସିକ ନିଷ୍ପତ୍ତି। କେନ୍ଦ୍ର ସରକାର ସୁପ୍ରିମ କୋର୍ଟରେ ଦାଖଲ କରିଥିବା ରିଭ୍ୟୁ ପିଟିସନକୁ ଖାରଜ କରିବା ସହ ଗତ ଜୁଲାଇ ଓ ଅଗଷ୍ଟ ମାସରେ ସୁପ୍ରିମ କୋର୍ଟ ଦେଇଥିବା ନିଜସ୍ୱ ରାୟକୁ କାଏମ ରଖିଛନ୍ତି। ଏହି ରାୟରେ ସୁପ୍ରିମ କୋର୍ଟ ଖଣ ସମୃଦ୍ଧି ରାଜ୍ୟକୁ ଖଣିଜ ସମ୍ପଦ ଓ ଖଣି ଉପରେ ନିଜସ୍ୱ ଟିକସ ଓ ସେସ୍ ଲାଗୁ କରିପାରିବେ ବୋଲି କହିଛନ୍ତି। ଏହାଦ୍ୱାରା ଓଡ଼ିଶା ଭଳି ଖଣି ସମୃଦ୍ଧ ରାଜ୍ୟଗୁଡିକ ଯେଉଁମାନେ ବର୍ଷ ବର୍ଷ ଦାରିଦ୍ର୍ୟତା ସହ ଲଢୁଛନ୍ତି ତାଙ୍କୁ ଅର୍ଥନୈତିକ ରିଲିଫ ପ୍ରଦାନ କରିବ। ସୁପ୍ରମ କୋର୍ଟଙ୍କ ଏହି ରାୟକୁ ଆଧାର କରି ରାଜ୍ୟ ସରକାର ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେସନ ଡାକି ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱତନ୍ତ୍ର ବିଲ ଆଣିବାକୁ ଦାବି କରିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା।

ଶ୍ରୀ ଜେନା ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ୨୦୦୪ର ଓଡିସେଡ୍ ଆଇନକୁ ରଦ୍ଦ କରି ନୂଆ ବିଲ ଆଣନ୍ତୁ। ଓରିସେଡ ଆଇନ-



୨୦୦୪ରେ ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରାଯାଇଥିଲା। ନୂଆ ବିଲରେ ସେହିସବୁ ଦିଗକୁ ବିଚାର କରିବା ସହ ଖଣିଜ ସମ୍ପଦର ମାର୍କେଟ ଭ୍ୟାଲୁ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି। ଖଣିଜ ସମ୍ପଦର ମାର୍କେଟ ଭ୍ୟାଲୁ ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠନ କରାଯାଉ। ମାର୍କେଟ ଭ୍ୟାଲୁ ନିର୍ଦ୍ଧାରଣ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଖଣିଜ ସମ୍ପଦ ଉପରେ ଥିବା ୨୦ ପ୍ରତିଶତ ଟିକସ ସୀମାକୁ ପ୍ରତ୍ୟାହାର କରାଯିବା ଉଚିତ ବୋଲି ସେ କହିଛନ୍ତି।

ରାଜ୍ୟରେ ବକ୍ସାଇଟ ଓ କ୍ରୋମାଇଟ ପ୍ରଚୁର ପରିମାଣରେ ଗଚ୍ଛିତ ଥିବାରୁ ରାଜ୍ୟ ସରକାର ଏହାର ଲାଭ ଉଠାଇବା ଉଚିତ। ବକ୍ସାଇଟ ଓ କ୍ରୋମାଇଟ ଉପରେ ମାର୍କେଟ ଭ୍ୟାଲୁର ୫୦ ପ୍ରତିଶତ ଟିକସ ଧାର୍ଯ୍ୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଖଣିଜ ସମ୍ପଦରୁ ଆଦାୟ ହେଉଥିବା ଟିକସ ଓ ସେସ୍ ସେହିସବୁ ଅଂଚଳର ବିକାଶ ପାଇଁ ଖର୍ଚ୍ଚ କରାଯାଉ। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି।

# ଧନୁ ତୀର ଧରିବେ ବିଜେଡି ନେତା !

### ବିଜେପିକୁ ବିରୋଧ ପାଇଁ ଝାଡ଼ଖଣ୍ଡ ଯିବେ

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ବିଜେପିକୁ ଚେକ ଦେବାକୁ ବିଜେଡି ଝାଡଖଣ୍ଡ ନିର୍ବାଚନରେ ସାମିଲ ହେବାକୁ ଯୋଜନା କରୁଛି। ଝାଡଖଣ୍ଡ ନିର୍ବାଚନରେ ଜେଏମଏମ ସପକ୍ଷରେ ବିଜେଡି ପ୍ରଚାର କରିବା ବୋଲି ଚର୍ଚ୍ଚା ହେଉଛି। ବିଜେଡି ସାଂସଦ ମୁନ୍ନା ଖାଁ ଏକ ରାଜନୈତିକ ବୟାନକୁ ପରେ ଏଭଳି ଚର୍ଚ୍ଚା ଜୋର ଧରିଛି। ୨୦୦୯ ନିର୍ବାଚନରେ ବିଜେଡି ଜେଏମଏମ ସହ ରାଜ୍ୟରେ ନିର୍ବାଚନୀ ମେଣ୍ଟ କରି ବିଜେପି ବିରୋଧରେ ଲଢିଥିଲା। ପରେ ଅବଶ୍ୟ ଜେଏମଏମ ହାତ ଛାଡିଦେଇଥିଲା। ଏବେ ପୁଣି ଥରେ ନିଜସ୍ୱ ରାଜନୈତିକ ଫାଇଦା ପାଇଁ ଜେଏମଏମକୁ ଅସ୍ତ୍ର କରିବାକୁ ଯୋଜନା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ଓଡ଼ିଶା ବିଧାନସଭା ନିର୍ବାଚନରେ କିଛି ମାସ ତଳେ ମୁହାଁମୁହିଁ ହୋଇଥିଲେ ବିଜେଡି ଓ ବିଜେପି। ବିଜେଡିକୁ ଗାଦିରୁ ହଟାଇବା ପାଇଁ ବିଜେପିର ରଣନୀତି ସଫଳ ହୋଇଥିଲା। ବିଜେଡି ହାତରୁ ଶାସନ କ୍ଷମତାକୁ ଛଡାଇ ଆଣିଥିଲା, ଆଉ ଏବେ ବିଜେପି ପଡ଼ୋଶୀ ଝାଡଖଣ୍ଡରେ ଡବଲ ଇଞ୍ଜିନ ସରକାର ପାଇଁ ଉଦ୍ୟମ କରୁଥିବାବେଳେ ଜେଏମଏମ ପାଇଁ ବିଜେଡି ପ୍ରଚାର କରିବା ନେଇ ଜୋର ଧରିଛି ଚର୍ଚ୍ଚା।

ଝାଡଖଣ୍ଡ ଗାଦି ଦଖଲ ପାଇଁ ବିଜେପି ଜୋରଦାର କସରତ ଚଳାଇଛି। ଓଡିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସାଂସଦ ମମତା ମହନ୍ତ ପ୍ରଚାର କରୁଛନ୍ତି। ଏହାରି ଭିତରେ ଝାଡଖଣ୍ଡରେ ଜେଏମଏମ ପାଇଁ ବିଜେଡି ପ୍ରଚାର କରିପାରେ ବୋଲି ଚର୍ଚ୍ଚା ହେଉଛି। ଓଡ଼ିଶାରେ କ୍ଷମତାରେ ଥିବା ବିଜେପିକୁ ଚେକ୍ ଦେବା ପାଇଁ ବିଜେଡି ଏହି ରଣନୀତି କରୁଥିବା ଆଲୋଚନା ହେଉଛି। ତେବେ ଏନେଇ ବିଧିବଦ୍ଧ ଭାବେ ଦଳ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। କିନ୍ତୁ ସାଂସଦ ମୁନ୍ନା ଖାଁଙ୍କ ବୟାନ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ତେବେ କିଛି ପ୍ରଭାବ ପଡିବନି ବୋଲି କହିଛି ବିଜେପି।

ଝାଡଖଣ୍ଡରେ କିଏ ସରକାର ଗଢ଼ିବ? ସେଥିରେ ଓଡିଆ ଭାଷାଭାଷୀ ଭୋଟରଙ୍କ ପ୍ରମୁଖ ଭୂମିକା ରହିଛି। ତଥ୍ୟ ଅନୁସାରେ ଝାଡଖଣ୍ଡରେ ପ୍ରାୟ ୧୮ ପ୍ରତିଶତ ଓଡ଼ିଆ ଭାଷାଭାଷୀ ଭୋଟର ରହୁଛନ୍ତି। ଝାଡଖଣ୍ଡର ୧୦ଟି ଜିଲ୍ଲାରେ ଏମାନଙ୍କର ପ୍ରଭାବ ରହିଛି। ତେଣୁ ବିଜେପି ଓଡ଼ିଶା ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଇରାନ୍-ଇସ୍ରାଏଲ୍ ସଂଘର୍ଷ ଭୟଙ୍କର ରୂପ ନେଇଥିବା ବେଳେ ମିଳିତ ଜାତିସଂଘ କେବଳ ଦର୍ଶକ ପାଲଟିଛି ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ମନ୍ତବ୍ୟ।
- ଏକ୍‌ଜିଟ୍ ପୋଲ୍‌ର ଆକଳନ ଅନେକ ସମୟରେ ସତ ହୋଇଥାଏ। ହରିଆଣା ଉପରେ ଯାହା ଆକଳନ କରାଯାଉଛି, ସେଥିରୁ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ନୀତି ବିରୋଧରେ ଆକ୍ରୋଶ ସୃଷ୍ଟି ହୋଇଛି: ଡି ରାଜା (ସିପିଆଇ ନେତା)।
- ବଳାତ୍କାର ମାମଲାର ମିଡିଆ ଟ୍ରାଏଲ୍ ବନ୍ଦ ନ ହେଲେ ତଦନ୍ତ ପ୍ରଭାବିତ ହୋଇଚାଲିଥିବ ବୋଲି କହିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ।
- ନିଜ ଉତ୍ତରାଧିକାରୀ ମନୋନୟନ ନିମିତ୍ତ ପୋପ୍ ଫ୍ରାନ୍‌ସିସ୍ ୨୧ ଜଣ ନୂତନ କାର୍ଡିନାଲଙ୍କୁ ମନୋନୀତ କଲେ।
- ପରିବେଶ ସୁରକ୍ଷା ପାଇଁ ଅଧିକ ପଦକ୍ଷେପ ଦାବିରେ ଦିଲ୍ଲୀର ଲଦାଖ ଭବନ ନିକଟରେ ଅନଶନ କରୁଥିବା ସମୟରେ ଅଟକ ଥିବା ପରିବେଶ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶରେ ମୁକ୍ତ କରାଗଲା।
- ଭୋପାଳ ନିକଟସ୍ଥ ବାଗ୍‌ରୋଡା ଶିଳ୍ପାଞ୍ଚଳରେ ଏନ୍‌ସିବି ଓ ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ। ୧୮ଶହ କୋଟି ଟଙ୍କର ମେଫ୍‌ଡ୍ରୋନ୍ (ଏମ୍‌ଡି) ଡ୍ରଗ୍ସ ଜବତ।
- ବାୟୁସେନା ଦିବସ ଅବସରରେ ରବିବାର ମାରିନା ବିଚ୍‌ରେ ଏୟାର ଶୋ' ଚାଲିଥିବା ବେଳେ ଅନ୍ୟୁନ ୩ ଜଣ ପ୍ରାଣ ହରାଇଛନ୍ତି। ଆଜି ପୂର୍ବାହ୍ନରେ ୯୨ ତମ ବାୟୁସେନା ଦିବସ ପାଳନ କରାଯାଉଥିଲା। ଏହାକୁ ଦେଖିବା ପାଇଁ ସମୁଦ୍ର କୂଳରେ ପ୍ରାୟ ୧୫ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଲୋକେ ଏୟାର ଶୋ' ଦେଖିଥିଲେ।

## ଇସ୍ରାଏଲ ଉପରେ ରକେଟ୍ ମାଡ଼
### ଏଫ୍‌ବିଆଇ ସତର୍କ କରାଇଥିଲା

ଜେରୁଜେଲମ, ୬।୧୦: ହମାସ ନରସଂହାରର ବର୍ଷ ପୂର୍ତ୍ତିର ଦିନକ ପୂର୍ବରୁ ରବିବାର ଇସ୍ରାଏଲ୍ ଉପରେ ବଡ଼ଧରଣର ହମଲା କରାଯାଇଛି। ଉତ୍ତର ଗାଜାଷ୍ଟ୍ରିପ୍‌ରୁ ଇସ୍ରାଏଲ୍ ଉପରେ ଏକାଧିକ ରକେଟ ମାଡ଼ କରାଯାଇଛି। ଗୋଟିଏ ରକେଟ ଅଚଳ କରିଦିଆଯାଇଥିବା ବେଳେ ଅନ୍ୟଗୁଡ଼ିକ ଖୋଲା ପଡ଼ିଆରେ ପଡ଼ିଥିବା ଇସ୍ରାଏଲ୍ ସେନା ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଗତବର୍ଷ ଅକ୍ଟୋବର ୭ରେ ହମାସ ପକ୍ଷରୁ ଇସ୍ରାଏଲ୍ ଉପରେ ଭୟଙ୍କର ଆକ୍ରମଣ କରାଯାଇଥିଲା। ଏଥିରେ ଶହଶହ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ସେବେ ଠାରୁ ହମାସ ଆରମ୍ଭ କରିଥିବା ଯୁଦ୍ଧ ଏବେ ଭୟଙ୍କର ରୂପ ନେଇଛି। ଏବେ ଇସ୍ରାଏଲ୍ ବିରୋଧୀ ଯୁଦ୍ଧରେ ଇରାନ୍, ଲେବାନନ ଓ ସିରିଆ ସାମିଲ ହୋଇଛନ୍ତି। ବର୍ଷ ପୂର୍ତ୍ତି ଅବସରରେ ଶତ୍ରୁ ପକ୍ଷରୁ ପୁଣି ଭୟଙ୍କର ଆକ୍ରମଣ ଆଶଙ୍କା କରି ଇସ୍ରାଏଲ୍ ପକ୍ଷରୁ ଗାଜା ସୀମାରେ ବ୍ୟାପକ ସେନା ମୁତୟନ କରାଯାଇଥିଲା। ଆଇଡିଏଫ୍ ଗାଜା ଡିଭିଜନକୁ ସଜାଗ ରଖାଯାଇଥିଲା। ହେଲେ ସମସ୍ତ ବ୍ୟବସ୍ଥା ବ୍ୟର୍ଥ ହେ ପ୍ରାଇଛି। ଅକ୍ଟୋବର ୭ ପୂର୍ବରୁ ବଡ଼ଧରଣର ଆକ୍ରମଣ କରାଯାଇପାରେ ବୋଲି ମାର୍କିନ ଗୁପ୍ତଚର ପୃଷ୍ଠା-୬

# ଅନିଶ୍ଚିତତାରେ ସଚିବାଳୟ ସେବା ସଂଘ ନିର୍ବାଚନ



- ବରିଷ୍ଠ କର୍ମଚାରୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ଗାଦି ଛାଡ଼ିବାକୁ ନାରାଜ ପୁରୁଣା ନେତା
- ଦାବି ପୂରଣ ନେଇ କର୍ମଚାରୀ କରୁଛନ୍ତି ପ୍ରଶ୍ନ

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ରାଜ୍ୟର ସର୍ବବୃହତ୍ କର୍ମଚାରୀ ସଂଗଠନ ଓଡ଼ିଶା ସଚିବାଳୟ ସେବା ସଂଘର ନିର୍ବାଚନ ଅନିଶ୍ଚିତତା ଭିତରକୁ ଠେଲିହୋଇ ଯାଉଥିବାବେଳେ ଏହାକୁ ନେଇ ଲୋକସେବା ଭବନର ବରିଷ୍ଠ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ନିର୍ବାଚନ କମିଶନ ଗଠନ ହୋଇ ସାରିଥିବାରୁ ତୁରନ୍ତ ନିର୍ବାଚନ ପାଇଁ ସେମାନେ ମତ ଦେଉଥିବାବେଳେ ପୁରୁଣା ନେତାମାନେ କିନ୍ତୁ ଗାଦି ନଛାଡି ମନ୍ତ୍ରୀଙ୍କୁ ଡାକି ସଭା ସମିତି ଆୟୋଜନ ପାଇଁ ମସୁଧା ଚଳାଇଥିବାର ଆଲୋଚନା ହେଉଛି ।

ସଚିବାଳୟ ସେବା ସଂଘର ନିର୍ବାଚନ ପ୍ରତି ଦୁଇବର୍ଷରେ ଥରେ ହୋଇଥାଏ । ଶେଷଥର ପାଇଁ ୨୧.୦୪.୨୦୨୨ ରେ ସଂଘର ନିର୍ବାଚନ ହୋଇଥିବା । ସଂଘର ବାଇ-ଲ ଅନୁଯାୟୀ ନିର୍ବାଚିତ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ ୧୧.୦୪.୨୦୨୪ରେ ଶେଷ ହୋଇଛି । ଏହା ପୂର୍ବରୁ କିମ୍ବା ପରେ ପରେ ସଂଘର ନିର୍ବାଚନ ହେବାକଥା । କିନ୍ତୁ ଅକ୍ଟୋବର ମାସ ଅଧା ହେବାକୁ ବସିଥିଲେ ମଧ୍ୟ ନିର୍ବାଚନ ହୋଇନାହିଁ। ତେବେ ନିର୍ବାଚନ ପାଇଁ ଇତି ମଧ୍ୟରେ ନିର୍ବାଚନ କମିଶନ ଗଠନହୋଇଛି । କିନ୍ତୁ କେବେ ନିର୍ବାଚନ ହେବ ସେଥିନେଇ ସ୍ଥିର ହୋଇପାରୁ ନାହିଁ ।

ହେଉଥିବା ଆଲୋଚନା ଅନୁଯାୟୀ କାର୍ଯ୍ୟକାଳ ସମାପ୍ତ ହୋଇଥିବା ପ୍ରତିନିଧିମାନେ ଆଉ କିଛି ଦିନ ସମୟ ଗଡାଇନେବା ମତଲବରେ ରହିଛନ୍ତି । ସେହି ସମୟରେ ସେମାନେ ନୂଆ ସରକାରର ମନ୍ତ୍ରୀମାନଙ୍କୁ ଡାକି ବଡ ଧରଣର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଉଦ୍ୟମ ଚଳାଇଛନ୍ତି । ହେଲେ ଅଧିକାଂଶ କର୍ମଚାରୀ କିନ୍ତୁ ପୁରୁଣା ନେତାଙ୍କର ଏଭଳି ଉଦ୍ୟମକୁ ପସନ୍ଦ କରୁନାହାନ୍ତି। ନିର୍ବାଚନରେ ନୂଆ ନେତା ଆସି ସଭା କରିବା ସପକ୍ଷରେ ସେମାନେ ଅଛନ୍ତି । କିଛି କର୍ମଚାରୀ କହିଛନ୍ତି ଯେ ଦୁଇବର୍ଷ ପାଇଁ ବଛାଯାଇଥିବା ପ୍ରତିନିଧିମାନେ ଯେଉଁସବୁ ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ ସେଥିରୁ ଅଧିକାଂଶ ପୂରଣ ହୋଇପାରି ନାହିଁ ।

କ୍ୟାଡର ପୁର୍ନଗଠନ, ଦରମା ବୃଦ୍ଧି, ମୂଳ ପଦବୀ ସୃଷ୍ଟି, ଉପର ସ୍ତରରେ ପଦବୀ ବୃଦ୍ଧି, କେନ୍ଦ୍ରୀୟ ସଚିବାଳୟ ହାରରେ ଦରମା ଆଦି ଦାବି କରାଯାଇଥିଲା। ଦାବି ପୂରଣପାଇଁ ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାତିରାଜ ବିଭାଗ ସମ୍ମୁଖ ଲନ୍‌ରେ ଆନ୍ଦୋଳନ କରିବା ସହିତ କଳାବ୍ୟାଚ୍ ପିନ୍ଧିଥିଲେ । ପୃଷ୍ଠା-୬

# ପିଛା ଛାଡୁନି ପ୍ରଶ୍ନପତ୍ର ପ୍ରଘଟ ମାମଲା

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ଆଇପିଏସ୍ ଅଧିକାରୀ ଅଭୟ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ (ଓଏସ୍‌ଏସ୍‌ସି) ବୋର୍ଡର ଅଧ୍ୟକ୍ଷ ହେବା ପରଠାରୁ ସୁନାମ ଅପେକ୍ଷା ଦୁର୍ନାମ ଅଧିକ ଅର୍ଜନଦ କରିସାରଲେଣି। ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ମାମଲାରେ ସେ ବାରମ୍ବାର ଛନ୍ଦି ହୋଇପଡ଼ିଲେଣି। ୨୦୨୨ରେ ହୋଇଥିବା କନିଷ୍ଠ ଯନ୍ତ୍ରୀ (ସିଭିଲ) ଲିଖିତ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏହି ପରୀକ୍ଷା ପାଇଁ ତାଙ୍କ ଗୃହରାଜ୍ୟ ବିହାରରେ ପ୍ରଶ୍ନପତ୍ର ଛାପିଥିବା ପ୍ରେସରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏହି ଘଟଣା ପରୀକ୍ଷାର୍ଥୀଙ୍କ ମନରୁ ନ ଲିଭୁଣୁ ଆଜି ପୁଣି ଥରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଛି।



ଆଜି ସମଗ୍ର ରାଜ୍ୟରେ ଓଏସ୍‌ଏସ୍‌ସି ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ପାଇଁ ପୂର୍ବାହ୍ନ ସାଢେ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଥିଲା। ପରୀକ୍ଷା ହଲ୍ ମଧ୍ୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଯିବା ନିୟମ ଥିବା ବେଳେ ବାଲେଶ୍ୱରର ଗୋପାଳ ଗାଁ ପରୀକ୍ଷା କେନ୍ଦ୍ରରୁ ଆସିଛି ସାଂଘାତିକ ଅଭିଯୋଗ। ପରୀକ୍ଷା ଆରମ୍ଭର ବହୁ ପୂର୍ବରୁ ସିଲ୍ ଖୋଲାଯାଇ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ କରିଥିବା ପରୀକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷ ଅଟକ ରଖିବାରୁ ସେ ପରୀକ୍ଷା ଦେବାକୁ ସେ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ଗୌରହରି ସାହୁ ନାମକ ପରୀକ୍ଷାର୍ଥୀ କରିଥିବା ଅଭିଯୋଗ ଅନୁଯାୟୀ, ପରୀକ୍ଷା ହଲ୍‌ରେ ବସିଥିବା ସମୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ପାଇଲୁ। ଏନେଇ ଅଭିଯୋଗ କରିବାରୁ ପ୍ୟାକେଟ ସେପରି ଆସିଥିବା ଶିକ୍ଷୟିତ୍ରୀ କହିଥିଲେ। ମାତ୍ର ବିଶ୍ୱାସ ନ ହେବାରୁ ସିସି କ୍ୟାମେରା ଦେଖିବାକୁ କହିଥିଲୁ। ସିସିଟିଭିରେ ସାଢ଼େ ୯ଟାରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ପାଇଲୁ।

ଏନେଇ ପୁଲିସ୍‌କୁ ଜଣାଇବାକୁ ଚାହିଁବାରୁ ମୋତେ ବାହାରକୁ ଛାଡ଼ିଲେନି କି କଲ୍ କରିବାକୁ ଦେଲେନି। ଏପରିକି ସେମାନେ ମୋତେ ଗୋଟିଏ ରୁମ୍‌ରେ ଅଟକ ରଖିବାରୁ ମୁଁ ପରୀକ୍ଷା ଦେବାରୁ ବଞ୍ଚିତ ହେଲି ବୋଲି କହିଥିଲେ। ପୃଷ୍ଠା-୬

### ଓଏସ୍‌ଏସ୍‌ସି ପରୀକ୍ଷାରେ ଅନିୟମିତତା !

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ଅମିନ, ଆର୍‌ଆଇ, ଏଆର୍‌ଆଇ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପରେ ଆଉ ଏକ ପରୀକ୍ଷାରେ ଅନିୟମିତତା ହୋଇଥିବା ଭଳି ଗୁରୁତର ଅଗିଯୋଗ କରାଯାଇଛି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ହୋଇଥିବା ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି। ବାଲେଶ୍ୱରର ଗୋପାଳ ଗାଁସ୍ଥିତ ଏକ ପରୀକ୍ଷା କେନ୍ଦ୍ରରେ ତ୍ରୁଟି ହୋଇଥିବା ଅଭିଯୋଗ ହୋଇଛି । ପରୀକ୍ଷା ଆରମ୍ଭର ବହୁ ପୂର୍ବରୁ ସିଲ୍ ଖୋଲାଯାଇ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ପରୀକ୍ଷାର୍ଥୀଙ୍କ ଉପସ୍ଥିତିରେ ଦସ୍ତଖତ ନେଇ ପ୍ରଶ୍ନପତ୍ର ଖୋଲାଯିବା କଥା। କିନ୍ତୁ ପୂର୍ବରୁ ପ୍ରଶ୍ନପତ୍ର ପ୍ୟାକେଟ୍ ସିଲ୍ ଖୋଲାଯାଇଥିଲା। ଏପରି ସ୍ଥିତିରେ ସିସିଟିଭି ଯାଞ୍ଚ ପାଇଁ ଦାବି କରିଥିଲେ ପରୀକ୍ଷାର୍ଥୀ। ତେବେ ସିସିଟିଭି ଯାଞ୍ଚ ବେଳେ ଏହା ସମୟ ସହ ମେଳ ଖାଇ ନ ଥିବା ସୂଚନା ମିଳିଛି। ସେପଟେ ସିସିଟିଭି ସମୟ ମେଳ ନ ଖାଇବା ବୈଷୟିକ ତ୍ରୁଟି ବୋଲି କହିଛନ୍ତି କର୍ତ୍ତୃପକ୍ଷ। ଏହାସହିତ ପରୀକ୍ଷା ବିଭ୍ରାଟ କଥାକୁ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି।



## ଏଇ ମାଟି ମାଆ
### ବିଷ୍ଣୁ ପ୍ରସାଦ ମିଶ୍ର

ଭୌଗୋଳିକ ଆଜି ବଦଳି ଯାଇଛି
ମାନବ ମନର ରେଖାଙ୍କିତରେ ,,
ତଥାପି ବଞ୍ଚିଛି ସେଇ ଜନଜାତି
ପ୍ରତି ପ୍ରକୃତିର ମାନଚିତ୍ର,ରେ ।। ୦ ।।

ଆଜିବି ରହିଛି ସେଇ ଦେଓମାଳି
ମୋହିନୀ ଅଳସି କ୍ଷେତର ଆଭା ,,
ଦଣ୍ଡକାରଣ୍ୟ ଓ ଡୁଡୁମା ପ୍ରପାତ
ରାଣୀଗୁମ୍ଫା ଗୁପ୍ତେଶ୍ୱର,ର ଶୋଭା ।। ୧ ।।

ଆଦିବାସୀ ଏଠି ଜନ ସମ୍ପ୍ରଦାୟ
ଆଦିମ କାଳରୁ ଜନ ସେବକ ,,
ବୁଝାଇ ଯାଇଛି ଏ ମାଟି ମା କୋଳୁ
ପାଇକ ପୁଅ ଲକ୍ଷ୍ମଣ ନାୟକ ।। ୨ ।।

ସାରା ଦୁନିଆଁକୁ ଆଲୋକ ଯୋଗାଇ
ନିତି ଅନ୍ଧକାର ଏଇ ମାଟିରେ ,,
ପର ମୁଖେ ହସ ନିଇତି ଫୁଟାଇ
ଏଇ ଆଦିବାସୀ ଅଛି ପଛରେ ।। ୩ ।।

ବନାନୀ ସାଜିଛି କ୍ଷୁର୍ଣ୍ଣ ଅବକାୟ
ତଥାପି ପାହାଡ଼ ଝରଣା ଘେରା ,,
ପ୍ରତି ପଦେପଦେ ଶୋଭାରେ ମହକ
ପ୍ରକୃତି ସଜାଏ ରୂପ ପସରା ।। ୪ ।।

କାହୁଁ କେତେ ନର ପେଟ ପୋଷା ଏଠି
କା"ଦୋଷ ଧରିନି ଏ ମାଟି ମାଆ ,,
ସଭିଏଁ ନିଜର ଭାବି ବଢ଼ାଇଛି
ଏଇ କୋରାପୁଟ ନିଜର କାୟା ।। ୫ ।।

କେତେ କାରଖାନା ନାଲକୋ ଆଲୁମିନା
ଏଚ,ଏ,ଏଲ୍, ର ବିଶ୍ୱେ ଝଲକ ,,
ରତ୍ନଗର୍ଭା ଏହି କୋରାପୁଟ ଭୂଇଁ
ପ୍ରକୃତି ଭରଇ ପ୍ରୀତି ମହକ ।। ୬ ।।

ନବରଙ୍ଗପୁର ମାଲକାନାଗିର
ରାୟଗଡ଼ା ଆଉ ଏ କୋରାପୁଟ
ଦିନ ଥିଲା ଏକ ଥିଲା ଭୌଗୋଳିକ
ଏବେ ଏ ଚାରୋଟି ଭାଗେ ପ୍ରକଟ ।। ୭ ।।

ତଥାପି ଏ ମାଟି ଆଜି'ବି କହୁଛି
ପବନେ ପବନେ ବାରତା ଭରି ,,
ଏଇ ଜନଜାତି ନୁହଁ ଆଦିବାସୀ
ଆଦିମବାସି ଏ ମାଟିର ଶିରୀ ।। ୮ ।।

ରଥଶର୍ମା କଲୋନୀ
କୋରାପୁଟ
୯୧୨୪୦୪୯୧୨୯



## ମୋ ଭାଷା ମୋ ଅର୍ଘ୍ୟଥାଳି
### ପ୍ରତାପ କିଶୋର ରାଉତ

ମୋ ଭାଷା ସାହିତ୍ୟ ମୋର ସ୍ୱାଭିମାନ
ତା ପାଇଁ ଲଭିଛି ମୁଁ ପରିଚୟ
ମୋ କଣ୍ଠେ ତୋଳିଛି ସୃଜନ ରାଗିଣୀ
କରିଛି ମୋହର ଜ୍ଞାନ ଉଦୟ
ମଥା ଟେକି ଚାଲେ ତାହାରି ପାଇଁ
ତାହାରି ଗୌରବ ରଖିବା ପାଇଁ
ସତ୍ୟ ଧର୍ମ ନ୍ୟାୟ ପଥ ଦେଖାଇଛି
ତାପାଇଁ ଲେଖନୀ ଚଳାଏ ମୁହିଁ ।୧।

ମୋ ଭାଷା ସାହିତ୍ୟ ଜନନୀ ମୋହର
ଅସ୍ମିତାର ସେହି ପରମ ଗାଥା
ପୋଥି ପୁରାଣରେ କାବ୍ୟ କବିତାରେ
ରଚିତ ହୋଇଛି ଅମର କଥା
ତାପାଇଁ ମହାନ ମୋର ସଂସ୍କୃତି
କଳା ଭାସ୍କର୍ଯ୍ୟର ଅମରାବତୀ
ଦୁଃଖ ବେଦନାର ହର୍ଷ ବିଷାଦର
ଅମର କାହାଣୀ ଲେଖଇ ନିତି ।୨।

ମୋ ଦେଶ ଜନନୀ ପାଦେ ଅରପିଲେ
ଭାଷା ସାହିତ୍ୟର କୁସୁମାଞ୍ଜଳୀ
ସେ ହୋଇବ ମୋର ଗରବ ଗୌରବ
ତା ପାଦେ ହୃଦୟ ଦେବିମୁଁ ଢାଳି
ମୋ ମାଟିର କଥା କେଡ଼େ ରଙ୍ଗରେ
ଶୋଭା ପାଉଥିବ ତାର ହୃଦରେ
ଗରବେ କହିବି ଓଡ଼ିଆ ମୁହଁରେ
ମୋପରି ଆଉବା କିଏ ଅଛିରେ ।୩।

ଛାନ୍ଦ ଚଉପଦୀ ଭଜନ ଜଣାଣ
କାବ୍ୟ ଓ କବିତା କଥା କାହାଣୀ
ସବୁ କୁସୁମର ମାଳା ମୋ ସାହିତ୍ୟ
ରଚି ଅଛି ଯେଉଁ ଯୋଗ୍ୟ ବିନ୍ଧାଣି
ତା ପାଦେ ଲୋଟଇ ମଥା ମୋହର
ଅଟଇ ସେ ସୃଜନ ରୂପକାର
ଯୁଗ ଯୁଗାନ୍ତରେ ଅମର ଅଟଇ
କାଳ ବକ୍ଷେ ରଚି ଅମର ସ୍ୱର ।୪।

ଦିନ ଚାଲି ଯାଏ ଚିହ୍ନ ରହିଯାଏ
ଅବିନାଶୀ ମୋର ଭାଷା ସାହିତ୍ୟ
ବାଣୀ ଭଣ୍ଡାରର ସେହି ଅର୍ଘ୍ୟ ଥାଳି
ଅରପିଣ ଆମେ ହୋଇବା କୃତ୍ୟ
ମାତୃଭୂମି ମାତୃଭାଷାର ସେବା
ଅରପି ତା ପାଦେ ଧନ୍ୟ ହୋଇବା
ଭାଷା ସାହିତ୍ୟର ସୁବାସ କଳିକା
ଫୁଟି ମହକିବ ଚୌଦିଗେ ଅବା ।୫।

ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର





## ହୀନ ମାନସିକତା
### ପୁଷ୍ପଲତା ମିଶ୍ର



ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପ .... ଆଜି ପିତୃ ଦିବସରେ ମୋବାଇଲରେ ମେସେଜ ଆଉ ବାପାଙ୍କ ସହ ଫଟୋ ଦେଖି ଖୁସି ଲାଗିଲା। ଭାବିଲି ଯାହା ହେଉ ରାମ ରାଜ୍ୟ ବୋଧେ ଆସିଗଲା ଏମିତି ବୃଦ୍ଧ ସମୟରେ ପୁଅ ମାନେ ବାପା ମାଆଙ୍କର ଭଲ ପାଇବା ଓ ଭଲ ବ୍ୟବହାର ଦେଲେ ହୁଏତ ବୃଦ୍ଧା ଶ୍ରମ ସବୁ ବନ୍ଦ ହେଇଯିବ। ରୋଷେଇ କରିବାକୁ ଯିବା ସମୟରେ ମୋବାଇଲଟା ବାଜି ଉଠିଲା କିଏ ଫୋନ କରିଛି ଦେଖିଲାରୁ ମୋର ଜଣେ ସମ୍ପର୍କୀୟ ଭାଇ ଫୋନ କରିଛି। ଫୋନ ଉଠାଇଲା ମିନି କହିଲା କଣ ହେଲା କିରେ ଦିନେ ନାହିଁ କାଳେ ନାହିଁ.....ହଠାତ୍ ଫୋନ? ସେ କହିଲା ନାଇ ଅପା ବାପାମା ଚାଲିଗଲେ ତ ତାଙ୍କ ଶୁଦ୍ଧିକ୍ରିୟାକୁ ଡାକୁ ଥିଲି ଭାଇନାଙ୍କୁ ଅଣୁ ଆସିବୁ ବାରପତ୍ରକୁ। ମୁଁ ତାଜୁବ୍ ହେଇଗଲି କଣ ଏକାବେଳେ ଦୁଇ ଜଣ ଚାଲିଗଲେ? ହଁ ଅପା ମୋର ବହୁତ କାମ ଅଛି ତୁ ତ ଆସିବୁ ମୁଁ ରହିଲି। ଅମୂଲ୍ୟ ବାବୁ ଅଫିସରୁ ଆସିଲା ପରେ ମିନି କହିଲା ମନୁଆଟା ଫୋନ କରିଥିଲା ତାର ବାପାମା। ଏକାବେଳକେ ଚାଲିଗଲେ ତାଙ୍କର ବାର ପତ୍ର କୁ ଡାକିଛି ଅଫିସରୁ ଛୁଟି ଅନିଥିବ ଆମେ ଯିବା। ଏ କଥା ଶୁଣି ଅମୂଲ୍ୟ ବାବୁ ଦୁଃଖ ରେ ଭାଙ୍ଗି ପଡ଼ି କହିଲେ ମନୁଆ ଟା ଅନାଥ ହେଇଗଲା। କି ଭାଗ୍ୟ ଏ ମଉସା ମାଉସୀ ଙ୍କ ର କେହି କାହାରି ଦୁଃଖ ଦେଖିଲେ ନାହିଁ। ଏକାବେଳକେ ଚାଲିଗଲେ କେହି କାହାରି ପାଇଁ ନିସଂଗତା ଅନୁଭବ କଲେ ନାହିଁହଉ ଠିକ୍ ଅଛି ଯିବା।

ବାରପତ୍ର ଦିନ ସକାଳୁ ଗାଧୁଆ ପାଧୁଆ ସାରି କଣ ଟିକେ ଖାଇ ଦେଇ ବାହାରି ପଡ଼ିଲେ ମିନି ଓ ଅମୂଲ୍ୟ ବାବୁ ମନୁଆର ଗାଁ ଅଭିମୁଖେ। ମନରେ କେତେ କଥା ଆସୁଥାଏ ଏମିତି ସ୍ୱାମୀ ସ୍ତ୍ରୀ ଏକାବେଳେ ଚାଲି ଯିବା ଭାଗ୍ୟରେ ଥିଲେ ମିଳେ। ନଦୀ ବନ୍ଧ ରେ ଗାଡି ଚାଲି ଥାଏ, ଚଲଉ ଥାଆନ୍ତି ଅମୂଲ୍ୟ ବାବୁ ସୁଲୁ ସୁଲିଆ ପବନ ବାଜି ମିନିର ଟିକେ ଆଖି ଲାଗି ଯାଇଛି, ହଠାତ୍ ଅମୂଲ୍ୟ ବାବୁ ଗାଡି ବ୍ରେକ ଦେଇ କହିଲେ-ଦେଖିଲଣି ନା! କଣ ବୋଲି ଆଖି ମଳିମଳି ଦେଖିଲା ବେଳକୁ ବନ୍ଧ ତଳେ ମନୁଆର ବାପାମା ଦୁଇଜଣ ବସିଛନ୍ତି। ଭୂତ ନା ପ୍ରେତ ଭାବି ଟିକେ ଡରି ଗଲି ଯାହାଙ୍କର ବାରପତ୍ର ଆଜି ଅଥଚ ଏମାନେ ଏଠି ଘଟଣା କଣ? ସେମାନଙ୍କ ପାଖକୁ ଆମେ ଦୁଇଜଣ ଗଲୁ। ଆମକୁ ଦେଖି ସେମାନେ ନ ଚିହ୍ନିଲା ପରି ବସି ରହି ଥାଆନ୍ତି। ସେମାନଙ୍କୁ ମୁଣ୍ଡିଆମାରି କହିଲି ମତେ ଚିହ୍ନି ପାରୁଛନ୍ତି ନା ! ମୁଣ୍ଡ ହଲାଇ ହଁ କଲେ ଆଉ କହିଲେ କୁଆଡେ ଆଡେ ଯାଉଛ? ମୁଁ ତାଙ୍କ ପ୍ରଶ୍ନର ଉତ୍ତର ଦେଇ ପାରିଲିନି, କେମିତି କହିବି ମନୁଆ ଡାକିଛି ଘରକୁ ତା ବାପାମାଙ୍କର ବାରପତ୍ର ଆଜି ବୋଲି !

କଥାକୁ ଲୁଚାଇ କହିଲି ନା ମାଉସୀ ଏଇ ପାଖ ଗାଁରେ ଟିକେ କାମ ଥିଲା ତ ଯାଇଥିଲୁ। ଆପଣମାନଙ୍କୁ ଦେଖି ଦେଖା କରିବାକୁ ପଳେଇ ଆସିଲି। ଭାବିଲି-ବାପା ରାଗନ୍ତି ସତ କିନ୍ତୁ ବାପାଙ୍କ ଭଳି ଏ ଦୁନିଆରେ କେହି ଭଲପାଇବା ଦେଇପାରିବେନାହିଁ। ଫରକ ଏତିକି ଯେ ବାପାଙ୍କ ଭଲପାଇବାକୁ କେହିକେବେ ଦେଖିପାରନ୍ତି ନାହିଁ କି ବୁଝିପାରନ୍ତିନାହିଁ। ମିନି ମଉସାଙ୍କ ପାଖରେ ବସିଯାଇ କହିଲା ମୁଁ ଯିବି ସେଇ ପାଖ ଗାଁକୁ ସେଠି ଘରେ ନେଇ ଛାଡ଼ି ଦେବି। ମାଉସୀ କହିଲେ-ଆଉ ଯାହା କହୁଛୁ କହ ସେଠିକି ଯିବା କଥା କହନା ଝିଅ। ଯେତେ ପଚାରିଲେ ବି ଆଖିରୁ ଦୁଇଟୋପା ଲୁହ ଝରେଇ ଦେଲେ ସିନା କିଛି କହିଲେନି। ଆଉ କହିଲେ ତୁ ଯା ମା ଆମେ ଏଠି ଠିକ୍ ଅଛୁ, ସେ ଭଲରେ ରହୁ। ମନରେ ମନ ଭାବନା ରଖି ବାହାରିଲୁ ମନୁଆ ଘର ଅଭିମୁଖେ। ମନରେ ବହୁତ ପ୍ରଶ୍ନ ଉଙ୍କି ମାରୁଥାଏ, ବାପାମା' ଦୁହେଁ ବଞ୍ଚିଛନ୍ତି ଅଥଚ ମନୁଆ ବାପାମାଙ୍କର ଶୁଦ୍ଧିକ୍ରିୟା କରୁଛି? ପୁଣି ଭାବନା ରାଇଜକୁ ଚାଲିଗଲି-ମୋ ମା' ବେଶୀ ପାଠ ପଢ଼ିନି କିନ୍ତୁ ଖାଇଲାବେଳେ ପଟେ ରୁଟି ମାଗିଲେ ସେ ଦୁଇପଟ ଦେଇଦିଏ। ଖାଇବା କମେଇବା କହିଲେ ରୁଟିଟି ମୋଟା ହେଇଯାଏ। ଏ ଦୁନିଆରେ ସବୁଠାରୁ ଆଚ୍ଛା ଆଲାରାମ୍ ଯଦି କୁହଯାଏ ସେ ହେଉଛି ମାଆ। ମୋର ଯଦି ସକାଳ ସାତଟାରେ ଉଠିବାର ଅଛି ଉଠେଇ ଦବାକୁ କହିଥିଲେ ମାଆ ସକାଳ ଛଟାରେ ଡାକିଦିଏ ଆଉ କହେ-ଶୀଘ୍ର ଉଠ ଆଠଟା ବାଜିଲାଣି। ଆମକୁ ଯଦି କିଏ ବେଶି ଜାଣିଛି ସେ ହେଉଛି ମାଆ!! କିଛି ସମୟ ପରେ ମନୁଆର ଘର ପାଖରେ ପହଞ୍ଚିଗଲୁ। ଟେଣ୍ଟ ବନ୍ଧାହେଇଛି, ଭୋଜି ଭାତ ରନ୍ଧା ଚାଲିଛି, ବାରପତ୍ର କର୍ମ ମଧ୍ୟ ଚାଲିଛି। ଗାଡ଼ି ରଖି ତା ଘରଭିତରକୁ ଗଲୁ ମନୁଆ ନମସ୍କାର ପକେଇ କର୍ମ ପାଖକୁ ଯାଉଥିଲା ମୁଁ ତାକୁ ଅଟକେଇ ଦେଲି ଆଉ କହିଲି ବାପାମା'ଙ୍କର କ'ଣ ହେଇଥିଲା? ସେ ମତେ ଗୋଟେ ଘର ଭିତରକୁ ନେଇଗଲା ଆଉ କହିଲା ମୁଁ ବାପାମା'ଙ୍କ ଉପରେ ରାଗି କି ତାଙ୍କୁ ଶୁଦ୍ଧି ହେଉଛି। ଏମିତି କଣ ପାଇଁ? ମନୁଆ ଗପିଚାଲିଲା-ବାପାଙ୍କ ନାମରେ ଯେଉଁ ଜାଗା ଅଛି ମୁଁ ସେଠି ଘରକରି ବେପାର କରିବି କିନ୍ତୁ ତାଙ୍କର ଏକାଜିଦ୍ ସେ ଜାଗା ତିନି ଭାଗ ହେବ ମୁଁ ଆଉ ଦୁଇ ଭଉଣୀଙ୍କ ଭିତରେ, ମୁଁ କହିଲି ଭଲ କଥା ତ ଏଥିରେ ଅସୁବିଧା କୋଉଠି ରହିଲା? ଅସୁବିଧା ନୁହେଁ ତ ସୁବିଧା କଣ ଯେ, ସେମାନେ ବାହାସାହା ହେଲେ ତାଙ୍କ ପରିବାର ନେଇ ସେମାନେ ରହିଲେ, "ଦେଲା ନାରୀ ହେଲା ପାରି" ପୁଣି ଲେଉଟାଣି ଆସି ବାପାଘରର ସମ୍ପତ୍ତିରୁ ଭାଗ ନେବେ ଏହା କଣ ଠିକ୍? ଯାହା ହେଲେ ବି ଜମି ଭାଗବଣ୍ଟା ଆଇନକାନୁନ ଉପରେ ଛାଡ଼ିଦେ, ଆଇନ ଯାହା କହିବ ସେ କଥାକୁ ମାନି ନେବା ଠିକ୍ ହବ। ଆଇନ କାନୁନ ଅଛି ତା ନ କରି ବାପା ମାଆ ବଞ୍ଚି ଥାଉ ଥାଉ ତାଙ୍କୁ ଶୁଦ୍ଧି ହୋଇ ବାର ପତ୍ର ପକାଉଛୁ, ଏ କି ପ୍ରହସନ କି ହୀନ ମାନସିକତା !! ପୁଅକୁ ବୁଝାଇଲେ ସେ ବୁଝିବାକୁ ନାରାଜ ଏଣେ ବାପାମା' ମଧ୍ୟ ପିଲାଙ୍କଠାରୁ ଆଦର ଯତ୍ନ ନପାଇ ନିର୍ଯାତନା ସହି ସହି ମୁକ ପାଲଟି ଯାଇଛନ୍ତି।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

## ହତ୍ୟାକାରୀ



### ବିବୁଧ ମହାନ୍ତି



କେତେବେଳେ କେମିତି ପ୍ରେମ ହେଲା ଜଣାପଡ଼ିଲାନି। ହେଲେ ହଠାତ୍ ମୁଁ ଅନୁଭବ କଲି, ସାରା ଦିନର ଧାରା ବିବରଣୀ ତାକୁ ନଦେଲେ ବା ତା' ଠୁ ନଶୁଣିଲେ ଭଲ ଲାଗୁନଥିଲା। ହାସ୍ ଆପ୍ ଷ୍ଟାଟସ୍ ସେ ନ ଦେଖିବା ଯାଏଁ କେମିତି ଗୋଟାଏ ଅସ୍ତବ୍ୟସ୍ତ ଲାଗୁଥିଲା। ୧୪୦ ଲୋକ ଦେଖିବା ପରେ, ୧୫୦ କମେଣ୍ଟ ଆସିବା ପରେ ବି କିଛି ଅଭାବ ରହିଯାଉଥିଲା ଯେମିତି! ତା'ର ପସନ୍ଦ ନ ଆସିଲେ ସେ ଡ୍ରେସ୍ ମୋର ପିନ୍ଧିବାକୁ ଇଚ୍ଛା ହଉ ନଥିଲା, ଆଉ ମୋର ଯାହା ପସନ୍ଦ ନଥିଲା ସେ ତାକୁ ପିନ୍ଧୁ ନଥିଲା। ଆମେ ଆସ୍ତେ ଆସ୍ତେ ଉଭୟ ଉଭୟଙ୍କର ଅଭ୍ୟାସରେ ପଡ଼ିଯାଇଥିଲୁ। ଦୂରରେ ଥିଲୁ, ସେ ଗୋଟେ ପ୍ରକାରର ସମ୍ପର୍କ ଥିଲା। ହାସ୍ ଆପ୍, ଟେଲିଫୋନ୍‌ରେ ଯୋଗାଯୋଗ ହେଉଥିଲା। କୋଉ ୬ ମାସ କି ବର୍ଷରେ ଥରେ ଦେଖା ହଉଥିଲା। ମୁଁ ଉତ୍ତର ଓଡ଼ିଶାରୁ ଭୁବନେଶ୍ୱର ଟ୍ରାନ୍ସଫର ହୋଇ ଆସିଯିବା ପରେ ଆମର ଫି ଦିନ ନାଣ୍ଡି ବାହାଘର। ମେଳା ହେଉ କି ପ୍ରଦର୍ଶନୀ, ସପିଂ ମଲ୍ ହେଉ କି ସିନେମା ହଲ୍, ସବୁଠି ଏକାଠି ହେବାର ଗୋଟାଏ ଅଭ୍ୟାସରେ ପଡ଼ିଗଲା। ସବୁ କାମରେ ମୁଁ ଦରକାର ପଡ଼ିଲି। ବେଳେ ବେଳେ ବୋର୍ ହେଇଗଲେ ବି 'ପାଇକରାପୁରରେ ଗୋଟେ ହିଲ୍ ଷ୍ଟେସନ ଅଛି, ମୁଁ ଗୋଟେ ରିଲ୍ସରେ ଦେଖିଲି, ଚାଲ ଗୋଟେ ରାଉଣ୍ଡ ମାରି ଆସିବା।' ପ୍ରେମିକାର ଏଭଳି ବିଚିତ୍ର ଫରମାଇସ୍ ଅନେକ ସମୟରେ ଭଲ ଲାଗୁଥିଲା। କିନ୍ତୁ ସବୁବେଳେ ସବୁ ଫରମାଇସ୍ ପୂରଣ କରିବା ସମ୍ଭବ ହେଉନଥିଲା। ଅନେକ ସମୟରେ କାମ ବି ରହିଲା। ଏଣୁ ସପ୍ତାହରେ ଏଭଳି ୭ଟି ଯୋଜନାରୁ ୨ରୁ ୩ଟି ସଫଳ ହୋଇ ପାରୁଥିଲା। ଆଉ କେତୋଟି ଇଚ୍ଛା କରି ବି କାମ ଚାପ ତାହା କରାଇଦେଉ ନଥିଲା। ଆଉ କେତେକ ଜାଣି ଜାଣି କାମ ଅଛି କହି ମୁଁ ଗାଳେଇ ଦଉଥିଲି। ସେ ହଂସପାଳରେ ରହୁଥିଲା ଆଉ ମୁଁ ଝାରପଡ଼ା। ସେ ହଂସପାଳ-ପାହାଳ ମଝି ରାସ୍ତାରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲା। ହଂସପାଳ ଯାଇ ତାକୁ ଆଣି, ଭୁବନେଶ୍ୱର ଭିତରୁ କାମ ସାରି ପୁଣି ନେଇ ହଂସପାଳ କିମ୍ବା ତା' ଅଫିସରେ ଛାଡ଼ିବା ଅନେକ ସମୟରେ କାଠିକର ପାଠ ହେଉଥିଲା। ଦିନକୁ ଦିନ ଘଟୁଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବି ଆଉ ଏକ କାରଣ ଥିଲା।

ସେଦିନ ସେ ଫୋନ୍ କରି ଚାଲିଥିଲା। କିନ୍ତୁ ମୁଁ ଉଠାଉ ନଥିଲି। ମୁଁ ଜାଣିଥିଲି ବି କାମ କ'ଣ। ରାତିରେ ଅଫିସ୍‌ର ଫଙ୍କସନ୍ ଅଛି। ସବୁ ଝିଅ କର୍ମଚାରୀ ପିଙ୍କ୍ ଶାଢ଼ି ପିନ୍ଧିବାକୁ ଯୋଜନା ହୋଇଛି। ଶାଢ଼ି ଅଛି, ହେଲେ ତା' ସାଙ୍ଗକୁ ମ୍ୟାଚ୍ କଲା ଭଳି ଯୋତା ନାହିଁ। ଏଣୁ ପିଙ୍କ୍ ଯୋତା ଆଟ୍ ଏନି କଷ୍ଟ ଆଣିବାକୁ ଅଛି। ପୂର୍ବଦିନ ରାତିରୁ ମୁଁ ଜାଣିଥିଲେ ବି ଟିକେ ଗାଳେଇ ଦେଇଥିଲି। ଜୋତାଟା ନ ହେଲେ କଣ ହବନି! ଫୋନ୍ ଉଠେଇବିନି। ସେ ଅଫିସ୍ ବାହାରିଯିବା ପରେ ଫୋନ୍ କରିବି। କହିବି 'ଆରେ ଅଫିସ୍‌ର ଗୋଟେ ଜରୁରି ମିଟିଂରେ ଫସି ଯାଇଥିଲି।'

ସେଦିନ ସେ ଫୋନ୍ କରି କରି ଥକି ଯାଇଛି। ଆଉ ମୁଁ ବି କାମରେ ବ୍ୟସ୍ତ ହୋଇଯାଇଛି। ପ୍ରାୟ ଗୋଟିଏ ଘଣ୍ଟା ପରେ ତାଙ୍କ ଅଫିସ୍‌ର ବର୍ଷା ଫୋନ୍ କଲା। କହିଲା ତ୍ରିଷା ଦିଦିଙ୍କ ଆକ୍ସିଡେଣ୍ଟ ହେଇଯାଇଛି। ପାରିବେ ଯଦି ହାଇଟେକ୍ ହସ୍‌ପିଟାଲ୍ ଆସନ୍ତୁ। କଣ ହେଇଛି, କେମିତି ହେଲା, ଆଉ ପଚାରିବାକୁ ସମୟ କିମ୍ବା ଧୈର୍ଯ୍ୟ ନଥିଲା। ପୁରୀ ବାଇପାସ୍‌ରୁ ରଙ୍ଗ୍‌ରୁଟ୍‌ରେ ଯାଇ ହସ୍‌ପିଟାଲ୍ ପହଞ୍ଚିଲି। ବେଶି ସମୟ ଖୋଜିବାକୁ ପଡ଼ିଲାନି। ଆଉଟ୍ ଡୋର୍‌ରେ ହିଁ ସେ ଷ୍ଟ୍ରେଚର ଉପରେ ଶୋଇଥିଲା, ଯେମିତି ସେ ସବୁବେଳେ ଶୁଏ। ହାତ ଦି'ଟା ପେଟ ଉପରେ ଥିଲା। ଜନ୍ମଦିନ ଡ୍ରେସ୍ କପଡ଼ା ପସନ୍ଦ ହେଲାନି ବୋଲି ସେଦିନ ଆଉ ଥରେ ଯାଇ ବୟନିକାରେ ଏକ୍ସଚେଞ୍ଜ କରି ନାଲିରଙ୍ଗର ସମ୍ବଲପୁରୀ କପଡ଼ା ଆଣିଥିଲା, ତାକୁ ପିନ୍ଧିଥିଲା। ଦୁଇଟା ଗୋଡ଼ ଷ୍ଟ୍ରେଚର୍‌ର ଟିକେ ବାହାରକୁ ବାହାରି ଯାଇଥିଲା। ମୁଣ୍ଡ ବାଳ ରକ୍ତରେ ଜୁଡୁବୁଡୁ ହୋଇ ଯାଇଥିଲା। ଷ୍ଟ୍ରେଚର୍ ଦେଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ରକ୍ତ ବୋହି ଆସି ଦୁଇ ଗୋଇଠିରୁ ଥପ୍ ଥପ୍ ହୋଇ ତଳେ ପଡୁଥିଲା। ବର୍ଷା କହୁଥିଲା, ଦିଦି ଜୁତି କିଣିବା ପାଇଁ ମଲ୍ ଯାଇଥିଲେ। ରାସ୍ତା ପାର୍ ହେବା ବେଳେ ସାମ୍ନାରୁ ଗୋଟେ କାର୍ ପିଟିଦେଲା। ମୁଣ୍ଡ ପଛପଟଟା ଫାଟି ପୁରା ମେଲା ହେଇଯାଇଛି। ରାସ୍ତାରେ ବହୁତ ରକ୍ତ ବୋହିଯାଇଛି। ଆଉ ଟିକେ ସଅଳ ମେଡିକାଲ୍ ଆସିଥିଲେ ହୁଏତ ଦିଦି ବଞ୍ଚି ଯାଇଥା'ନ୍ତେ ସେ ଆପଣଙ୍କୁ ଡାକିବା କଥା, କାଇଁ ଏକୁଟିଆ ଆସିଥିଲେ କେଜାଣି ? ମୁଁ ଘରକୁ ଫୋନ୍ କରିଛି। ସେମାନେ ପହଞ୍ଚୁଥିବେ। ଆଉ ମତେ ଲାଗୁଥିଲା ମୁଁ ଯେମିତି ହିଁ ତ୍ରିଷାର ହତ୍ୟାକାରୀ!

## କପଟି ଶିକ୍ଷକ
### ଦିପ୍ତିମୟୀ ନାୟକ



ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ରୀ ପାଠ ପଢିବାପାଇଁ ଯାଆନ୍ତି। ହେଲେ ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଦେଖିବାକୁ ମିଳେ ପିଲାଙ୍କୁ ପାତର ଅନ୍ତର କଲାଭଳି ଶିକ୍ଷକମାନେ ଥାଆନ୍ତି। ଠିକ ସେହିଭଳି ଗୋଟେ ବିଦ୍ୟାଳୟରେ ଜଣେ କପଟି ଶିକ୍ଷକ ଥିଲେ। ସେ ସୁନ୍ଦର ସୁନ୍ଦର ପୁଅ ଝିଅଙ୍କୁ ବଢିଆ ପାଠ ପଢ଼ାନ୍ତି। ସେମାନଙ୍କୁ ମଧ୍ୟ ବହୁତ ଗୁରୁତ୍ୱ ଦିଅନ୍ତି। ସେମାନେ ଯଦି କିଛି ବୁଝିପାରନ୍ତିନି ସେମାନଙ୍କୁ ବହୁତ ସୁନ୍ଦର ଭାବରେ ବୁଝାନ୍ତି। ଆଉ ଯେଉଁମାନେ ଅସୁନ୍ଦର ହୋଇଥାଆନ୍ତି ସେମାନଙ୍କ ପାଠ ଯେତେ ସୁନ୍ଦର ହେଉନା କାହିଁକି ସେ କପଟି ଶିକ୍ଷକଙ୍କ ଆଖିକୁ ପାଠ ଦେଖାଯାଏନି ଦେଖାଯାଏ ଯଦି କେବଳ ସୁନ୍ଦର ସୁନ୍ଦର ପିଲାଙ୍କ ପାଠ। ସେଥିପାଇଁ ସେହି ଶିକ୍ଷକ ଯେତେବେଳେ ପାଠ ପଢେଇବାକୁ ଆସନ୍ତି ସେ ଶ୍ରେଣୀର ବିଭାଗ ଅଲଗା ଅଲଗା କରି ଦେଇଥାଆନ୍ତି। ସୁନ୍ଦର ସୁନ୍ଦର ଛାତ୍ରଛାତ୍ରୀ ମାନଙ୍କ ପାଇଁ "କ" ବିଭାଗ। ଅସୁନ୍ଦର ଛାତ୍ରଛାତ୍ରୀ ମାନଙ୍କ ପାଇଁ "ଖ" ବିଭାଗ। ଏଥିସହିତ ସେମାନଙ୍କୁ ଏୟା ମଧ୍ୟ କୁହାଗଲା "କ" ବିଭାଗର ପିଲା ଭଲ ପଢୁଛନ୍ତି ବୋଲି ସେମାନଙ୍କର "କ" ବିଭାଗ। "ଖ" ବିଭାଗର ପିଲା ଭଲ ପଢୁ ନାହାଁନ୍ତି ବୋଲି ସେମାନଙ୍କର "ଖ" ବିଭାଗ। ଯେଉଁଦିନ ଯିଏ ଭଲ ପାଠ ପଢିବ ସେ "କ" ବିଭାଗକୁ ଆସିବ। ନହଲେ ମୂର୍ଖ ମାନଙ୍କ ପାଇଁ ସେହି "ଖ" ବିଭାଗ ହୋଇଛି ସେମାନେ ସେଇଠି ମୂର୍ଖ ବିଭାଗରେ ରହିବେ। ଏହା ଶୁଣି ପିଲାମାନେ ଆଶ୍ଚର୍ଯ୍ୟ ହୋଇଗଲେ ଆଉ ପରସ୍ପର ମଧ୍ୟରେ କଥା ହେବାକୁ ଲାଗିଲେ ଦେଖ ଆମକୁ ଯଦି କିଛି ପାଠ ଆସୁନି ସାର ଆମକୁ ପଢେଇବା କଥା କିନ୍ତୁ ଏମିତି ମୂର୍ଖ ବିଭାଗ "ଖ" କହି ଆମକୁ "ଖ" ବିଭାଗରେ ବସେଇବା କଣ ଠିକ ହେଲା କି। ସେଇଠୁ ଆଉ କିଛି ପିଲା କହିଲା ବ୍ୟସ୍ତ ହନି ଆମେ ଯଦି ପଢି ପାରୁଛେ ଲେଖି ପାରୁଛେ ତେବେ ଆମେବି ସେହି "କ" ବିଭାଗକୁ ଯିବା। ସେଇଠୁ ପିଲାମାନେ ଯେମିତି ପଢିବା କଥା ପଢିଲେ ହଠାତ ଅନ୍ୟଜଣେ ସାର ଆସି ପଚାରିଲେ କଣ କିରେ ତମେମାନେ ଏପଟେ। ସେପଟ ଶ୍ରେଣୀଗୃହ ଖାଲି ଅଛି ଯାଅ ବସିବ। ସେଇଠୁ ପିଲାମାନେ କହିଲେ ସାର ସେହି ଶ୍ରେଣୀ ଗୃହରେ ସେମାନେ ବସିବେ ଯେଉଁମାନେ ବହି ପଢି ପାରୁଥିବେ। ସେଇଠୁ ସାର ଜଣକ କହିଲେ କାଇଁ ତମେମାନେ କଣ ବହି ପଢି ପାରୁନ ପିଲାମାନେ କହିଲେ ସାର ଆମେ ବହି ପଢିପାରୁଛୁ କିନ୍ତୁ ସାର କେଉଁ କାରଣ ନେଇ ଆମକୁ ମୂର୍ଖ କହି ଅଲଗା ବସେଇଛନ୍ତି ଆମେ ଜାଣିପାରିନୁ। ତାପରେ ସାର ଜଣକ ସେହି ସାରଙ୍କୁ ଡାକିଲେ "ଖ" ବିଭାଗରେ କାହିଁକି ଏମାନଙ୍କୁ ବସେଇଛ। ସେପଟ ଶ୍ରେଣୀଗୃହ ଖାଲି ଅଛି ବସାଅ। ସାର ଜଣକ କହିଲେ ଶ୍ରେଣୀଗୃହରେ ଜାଗା ହେଉନଥିଲା ସେଥିପାଇଁ ଏମାନଙ୍କୁ ଏପଟେ ବସେଇଥିଲି। ପିଲାମାନେ କହିଲେ ନା ସାର ସାର କହିଥିଲେ ଏଟା ମୂର୍ଖ ମାନଙ୍କ ପାଇଁ "ଖ" ବିଭାଗ ଯିଏ ବହି ପଢି ପାରିବନି ଏଟା ତା ପାଇଁ ସେଇଠୁ ସାର କହିଲେ ଦେଖି ଇଂରାଜୀ ବହି ପଢିଲ ଗୋଟି ଗୋଟି କରି ସବୁ ପିଲା ବହି ପଢ଼ିଦେଲେ ଅନ୍ୟ ଜଣେ ସାର ମୁହଁକୁ ତଳକୁ କରିଦେଲେ କିନ୍ତୁ ସେହି ଭଲ ସାର ଜଣକ କହିଲେ ଯାଅ ଏହି "ଖ" ବିଭାଗରେ ତମେମାନେ ଆଉ ବସିବନି। ତମେମାନେ ସବୁ ଭଲ ପଢୁଛ। ପିଲାମାନେ ଖୁସି ହୋଇ "କ" ବିଭାଗକୁ ପଳେଇଲେ। କପଟି ସାରଙ୍କ ରାଗ ମୁଣ୍ଡକୁ ଚଢିଯାଇଥିଲା କିଛି କହିପାରୁନଥିଲେ। ହଠାତ ଦିନେ ହସ୍ତାକ୍ଷର ଖାତା ଦେଖା ହେଉଥିଲା ପିଲାମାନେ ସେମାନଙ୍କ ହସ୍ତାକ୍ଷର ଖାତା ସାରଙ୍କୁ ଦେଖାଉଥାଆନ୍ତି। ଗୋଟେ ପିଲା କହିଲା ସାର ମୁଁ ଆଜି ହସ୍ତାକ୍ଷର ଖାତା ଘରେ ଛାଡିଦେଇ ଆସିଛି କାଲି ଆସିଲାବେଳେ ଆଣିଦେଓ୍ୱି କିନ୍ତୁ ସାରଙ୍କ ପ୍ରକୃତି ଭାରି ଖରାପ। କାହିଁକି ନା ଗାଁ ବିଦ୍ୟାଳୟରେ ଶିକ୍ଷକ ହେଇଛନ୍ତି ସେଥିପାଇଁ ତାଙ୍କ ଭାଉ କହିଲେ ନ ସରେ। ନିରୀହ ପିଲାଟିକୁ ସମସ୍ତଙ୍କ ସାମ୍ନାରେ ବେଞ୍ଚିତ କରି ବେଙ୍ଗ ଡିଆଁ ଡେଇଁବାକୁ କହିଲେ ପିଲାଟି ସାରଙ୍କ କଥାରେ ବେଙ୍ଗ ଡେଇଁଲା ଭଳି ଡେଇଁଲା। ଅନ୍ୟପିଲାମାନେ ପିଲାଟିକୁ ଦେଖି ହସିବାକୁ ଲାଗିଲେ। ସତ କହିବାକୁ ଗଲେ ଏମିତି ଗୁରୁ କାହିଁକି ମିଳନ୍ତି ଯେଉଁମାନେ ପିଲାଙ୍କ ମନୋବଳକୁ ଦୁର୍ବଳ କରିଦିଅନ୍ତି। ସମୟ କ୍ରମରେ ସେହିପିଲାଟି ସରକାରୀ ଚାକିରୀ ପାଇଲା ସାରଙ୍କ କାମ ସେହି ପିଲା ପାଖରେ ଥିଲା। ଅବଶ୍ୟ କପଟି ଶିକ୍ଷକଙ୍କୁ ବୟସ ହୋଇଯାଇଥିଲା କିନ୍ତୁ ପିଲାଟି ସେହି ଶିକ୍ଷକ ଜଣକୁ ଜାଣିପାରିଲା। ଶିକ୍ଷକ ଜଣକ ଯେତେବେଳେ ସେହି ପିଲାଟିକୁ ଆଜ୍ଞା ନମସ୍କାର ସାର କହିଲେ ସେତେବେଳେ ପିଲାଟି ଯାଇ ମୁଣ୍ଡିଆ ମାରି କହିଲା ସାର ମୁଁ ଆପଣଙ୍କ ଛାତ୍ର। ଯାହାକୁ ଆପଣ ଅଣଦେଖା କରିଥିଲେ। ବିଦ୍ୟାଳୟ ଭିତରେ ବସିଥିବା ସମସ୍ତ ପିଲାଙ୍କ ଆଗରେ ମୋତେ ବେଙ୍ଗ ଡିଆଁ ଡେଇଁବାକୁ କହିଥିଲେ ମୁଁ ସେହି। ସାରଙ୍କ ଆଖିରେ ଲୁହ ଆସିଗଲା ସେ ତାଙ୍କ ଭୁଲ ବୁଝିପାରିଲେ। ସେ ନିଜେ ହିଁ କହିଲେ ମୁଁ ତମ ପ୍ରତି ବହୁତ ଅନ୍ୟାୟ କରିଛି ତଥାପି ତୁମେ ମୋତେ ସାର କହି ମୁଣ୍ଡିଆ ମାରୁଛ। ସେଇଠୁ ପିଲାଟି କହିଲା ସାର ଛାଡ଼ନ୍ତୁ ସେ କଥା ଆପଣ କେମିତି ଅଛନ୍ତି। କେଉଁ କାମରେ ଏଠାକୁ ଆସିଛନ୍ତି କୁହନ୍ତୁ। ମୁଁ ଆପଣଙ୍କୁ କି ସାହାଯ୍ୟ କରିପାରେ। ସେଇଠୁ ସାର ଜଣକ ତାଙ୍କ ସମସ୍ୟା ବିଷୟରେ ଜଣାଇଲେ। ପିଲାଟି ସାରଙ୍କୁ ସାହାଯ୍ୟ କଲା। ତେବେ କାହାକୁ ଛୋଟ ଭାବନ୍ତୁନି। ଛାତ୍ରଛାତ୍ରୀ ମାନଙ୍କ ମଝିରେ ଏ ସୁନ୍ଦର ଅସୁନ୍ଦର ଭେଦଭାବ ଯେଉଁ ରହୁଛି ତାକୁ ଦୂରେଇ ଦିଅନ୍ତୁ କାରଣ ଆମେ ଯାହାକୁ ଅଣଦେଖା କରିବା ସେମାନେ ଆମକୁ କେତେ ଗୁରୁତ୍ୱ ଦିଅନ୍ତି ଆମେ ପରେ ବୁଝିପାରିବା କିନ୍ତୁ ଆମ ପାଇଁ କୌଣସି ପିଲାର ଭବିଷ୍ୟତ ଉପରେ ଯେପରେ କିଛି କୁପ୍ରଭାବ ନପଡେ ସେଥିପାଇଁ ଆମେ ସବୁବେଳେ ସଚେତନ ରହିବା ନିହାତି ଆବଶ୍ୟକ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬



## ପରିବାର ବୋଝ ନୁହେଁ





### ଏଇତ ଜୀବନ
### ଶ୍ୱେତା ରାଉତ

ଜୀବନରେ ମଣିଷ ଯେତେ ସମ୍ପତ୍ତି ଅର୍ଜନ କରୁ,ଯଦି ତା ପାଖରେ ସମ୍ପର୍କ ନାହିଁ,ସେ ଏକା ଅଛି,ତେବେ ସେ ସମ୍ପତ୍ତି ଭୋଗ କରି ପାରିବନାହିଁ।ଯେତେ ବଡ କୋଟିପତି ହେଉନା କାହିଁକି ଏକା ଏକା ସେ ରାଜକୀୟ ପ୍ରାସାଦ ଭିତରେ ବି ଭୂତ ପରି ଘୁରି ବୁଲିବ।ଦାମୀ ସୋଫା,ଦାମୀ ଗାଡ଼ି,ଦାମୀ ଜିନିଷକୁ ଦେଖି ନା ସେ ଖୁସି ହୋଇ ପାରିବ ନା ଟଙ୍କା ଗାଦିରେ ଶୋଇଲେ ବି ତାକୁ ନିଦ ହେବ।ମଦ୍ୟପମାନେ ବି ଏକା ମଦ ପିଇବାରେ ଆନନ୍ଦ ନେଇ ପାରନ୍ତି ନାହିଁ।ସେମାନେ ଖୋଜୁଥାନ୍ତି କେମିତି ଦୁଇ ଚାରି ସାଙ୍ଗ ମିଳିଗଲେ ଖଟି ଜମିବ।ମିତ୍ର ହେଉ କି ଶତ୍ରୁ,ମଣିଷ ନିଜର ଆନନ୍ଦ ପାଇଁ ସବୁବେଳେ ଆଉଜଣଙ୍କ ଉପରେ ନିର୍ଭରଶୀଳ।କାହା ସହିତ ମିତ୍ରତାର ଭାବ ରଖିବାକୁ ବନ୍ଧୁଟିଏ ଲୋଡା ତ କାହା ସହିତ ପ୍ରତିଯୋଗିତା କରି ବା ଶତ୍ରୁଭାବ ରଖିବାକୁ ମଧ୍ୟ ବ୍ୟକ୍ତିଟିଏ ଲୋଡା।

ଥରେ ଭାବିଲେ ମହିଳାମାନେ ଭଲ ଶାଢ଼ୀ,ଗହଣା ପିନ୍ଧିବାକୁ କାହିଁକି ଭଲପାଆନ୍ତି?କ୍ୱଚିତ ନିଜ ଖୁସି ପାଇଁ,ନହେଲେ ଅଧିକାଂଶ ମହିଳା ଅନ୍ୟ ମହିଳାଙ୍କୁ ଦେଖେଇବାକୁ"ସିଏ ଏମିତି ପିନ୍ଧିଛି ମୁଁ ତା'ଠାରୁ ଆହୁରି ଭଲ ପିନ୍ଧିବି ସେ ଦେଖିବ।କେହି ଦେଖିବା ଲୋକ ନରହିଲେ ଭଲ ଦିଶିବା ବା ଭଲ ପିନ୍ଧିବାକୁ କାହିଁକି କିଏ ଇଚ୍ଛା କରିବ! ଆମେ ସେ ଦିଗକୁ ଯିବା ଉଚିତ୍ ନୁହେଁ,ଆମେ ସମ୍ପର୍କର କଥା କହିବା।

ଯେଉଁମାନେ ଭାବୁଛନ୍ତି ଯେ ପରିବାର ସେମାନଙ୍କ ପାଇଁ ବୋଝ ଓ ଏକା ରହିବାରେ ଆନନ୍ଦ ଅଛି,ଏହା ଆଦୌ ଭୁଲ ଧାରଣା।ପରିବାରର ଆନନ୍ଦଠୁ ବଳି ଏ ପୃଥିବୀରେ ଅଧିକ ଆନନ୍ଦ ମିଳିବା ସ୍ଥାନ ଆଉ କୋଉଠି ନାହିଁ।ମଣିଷ ଭ୍ରମରେ ପଡ଼ି ଯାହାକୁ ଆନନ୍ଦ ବୋଲି ଭାବେ,ତାହା ସ୍ୱଳ୍ପ ସମୟ ପାଇଁ କେବଳ ଏକ ଆତ୍ମସନ୍ତୋଷ।ନୂଆ ଘର,ନୂଆ ଗାଡ଼ି,ଯେକୌଣସି ନୂଆ ଜିନିଷ କିଛି ଦିନ ପାଇଁ ମନକୁ ଆନନ୍ଦ ଦିଏ,ନୂଆ ସ୍ଥାନ ଭ୍ରମଣ କଲେ କିଛି ଦିନ ପାଇଁ ମନ ହାଲୁକା ଲାଗେ,ଉଚ୍ଚ ପଦ ପଦବୀରେ ରହିଲେ କିଛି ଲୋକଙ୍କଠୁ ସମ୍ମାନ ମିଳେ,ବହୁତ ରୋଜଗାର ଥିଲେ ଆମର ସବୁ ଆବଶ୍ୟକତା ପୂରଣ ହୋଇପାରେ,ବହୁ ପ୍ରତିଭାରେ ସମ୍ମାନିତ ହେବା ଆମକୁ ଗୌରବ ଦେଇପାରେ,କିନ୍ତୁ ଏସବୁ ଆତ୍ମିକ ଆନନ୍ଦ ଦେଇପାରେ ନାହିଁ।ଆମର ପ୍ରାପ୍ତିକୁ,ସଫଳତାକୁ ସହଭାଗ ହେବା ପାଇଁ ସାଥିରେ କେହି ନଥିଲେ ସେ ଉତ୍ସୁକତାକୁ ନେଇ ଆମେ କଣ କରିବା?ବାହାରେ ଯେତେ ଲୋକ ଭଲ ପାଆନ୍ତୁ,ସମ୍ମାନ କରନ୍ତୁ,ସହଯୋଗ କରନ୍ତୁ,ସେମାନେ ସବୁବେଳେ ଆମ ପ୍ରତି ସେମିତି ସମ୍ପର୍କ ରଖିବେ କିଛି ମାନେ ନାହିଁ।ସେମାନେ ତାଙ୍କର ବ୍ୟକ୍ତିଗତ ଜୀବନରେ ବ୍ୟସ୍ତ ରହି ଆମକୁ ଅଣଦେଖା କରି ପାରନ୍ତି,କିନ୍ତୁ ପରିବାର ଏମିତି ଏକ ମନ୍ଦିର ଯେଉଁଠି ସକାଳ ଆଳତିଠୁ ସନ୍ଧ୍ୟା ଧୂପ ଯାଏ ସବୁଥିରେ ନିଆରା ନିବିଡ଼ତା ଥାଏ।କଳି ତକରାଳ,ଭୁଲ୍ ବୁଝାମଣା,ମାନ ଅଭିମାନ ଯେତେ ଥିଲେ କଣ ହେଲା,ପରିବାର ବ୍ୟକ୍ତିପାଇଁ ଏକ ସୁରକ୍ଷା କବଚ,ଆନନ୍ଦ-ଦାୟକ ଆଶ୍ରମ।ସେଥିପାଇଁ ବୋଧହୁଏ ଗୃହସ୍ଥାଶ୍ରମକୁ ଶାସ୍ତ୍ରରେ ଶ୍ରେଷ୍ଠ ଧର୍ମପୀଠ ଓ ଗୃହସ୍ଥ ପରମ ଧର୍ମ କୁହାଯାଏ।

ମନ୍ଦିର ବେଢ଼ାରେ ପାରାମାନେ ମଳତ୍ୟାଗ କରନ୍ତି,ଅନେକ ଭକ୍ତଙ୍କ ସମାଗମରେ ମନ୍ଦିର ଚତୁଃପାଶ୍ୱ ଅପରିଷ୍କାର ହୁଏ,କାଇଁ ଦେବଦେବୀ ତ ମନ୍ଦିର ଛାଡ଼ି ଚାଲି ଯାଆନ୍ତି ନାହିଁ।ପୁରୋହିତମାନେ ମନ୍ଦିର ପ୍ରାଙ୍ଗଣ ସଫା କରନ୍ତି,ପୂଜା ଆରମ୍ଭ ହୁଏ।ଆମ ଗୃହସ୍ଥାଶ୍ରମରେ ଯଦି କିଛି ଲୋକଙ୍କ ବିଚାର ମଳିନ ଥାଏ,ତେବେ ଆମକୁ ହିଁ ସଫା କରିବାକୁ ପଡ଼ିବ।ପରିବାର ଛାଡ଼ି ଚାଲିଗଲେ କେଉଁଠି ବି ପରିଷ୍କାର ସ୍ଥାନ କି ପରିଷ୍କାର ମନ ମିଳିବ ନାହି।ମଣିଷ ଯେଉଁ ସ୍ଥାନରେ ବାସ କରେ ସେ ସ୍ଥାନକୁ ସେ ନିଜେ ସଫା କରି ପାରିଲେ,ତାହାହିଁ ଉପଯୋଗୀ ହୋଇଥାଏ।ନିଜ ବିଚାରକୁ ସଫା କରି ପାରିଲେ ସମ୍ପର୍କ ମଧୁର ହୋଇଥାଏ।ପରିବାର ରୂପକ ମନ୍ଦିରରେ ଆମକୁ କେବଳ ବିଚାରର ପ୍ରାଙ୍ଗଣକୁ ନିଃସ୍ୱାର୍ଥ ସେବକ ଭାବେ ସ୍ୱଚ୍ଛ ରଖିବାର ଦାୟୀତ୍ୱ ନିର୍ବାହ କରିବାର ଅଛି।

ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର-୬
ମୋବାଇଲ୍: ୯୪୩୯୭୨୬୦୬୦

# କମାଲ କଲେ କେଭି ଛାତ୍ର ରୋହିତ

## ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପ



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ୧୨୦ କିଲୋଗ୍ରାମ+ ସବ୍ ଜୁନିୟର ବର୍ଗରେ ଡେଡ ଲିଫ୍ଟ ରେ ସ୍ୱର୍ଣ୍ଣ ପଦକ ଏବଂ ବେଞ୍ଚ ପ୍ରେସରେ ରୌପ୍ୟ ପଦକ ହାସଲ କରିଛନ୍ତି । ଇଂଲଣ୍ଡର ୱିଲ ଆଣ୍ଡର୍ସ ଏବଂ ଉତ୍ତର ଆୟର୍ଲାଣ୍ଡର ଜ୍ୟାକ୍ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟ୍ମାନଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରି ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ୱ ସ୍ତରରେ ଚମତ୍କାର ପ୍ରଦର୍ଶନ କରିବା ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ସହର କୋରାପୁଟକୁ ଗର୍ବିତ କରିଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବ ଆଣିଛି ବୋଲି ଆଲୋକପାତ କରିଥିଲେ। ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ଆମ ରାଜ୍ୟ ଏବଂ ଆମ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ତାଙ୍କର କର୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଦିବାସୀ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା କୋରାପୁଟରେ ଏହି ସଫଳତା ଏବେ ପାୱାରଲିଫ୍ଟିଂ ଚାମ୍ପିୟନ ସୃଷ୍ଟି ପାଇଁ କୋରାପୁଟ ପରିଚିତ ହେବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

ଏଠାରେ ସୂଚନା ଥାଉ କି ସନ୍ ସିଟିରେ ଅନୁଷ୍ଠିତ ଏହି ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପ ଗତ ଅକ୍ଟୋବର ୪ତାରିଖରୁ ଆରମ୍ଭ ହୋଇଯାଇଛି ଏବଂ ଏହା ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଚାଲିବ । ରୋହିତ ତାଙ୍କ ପିତା ଓ ଭାଇଙ୍କୁ ତାଙ୍କର ସବୁଠାରୁ ବଡ଼ ପ୍ରେରଣା ବୋଲି ଶ୍ରେୟ ଦେଇଛନ୍ତି ଏବଂ ସେମାନଙ୍କନିରନ୍ତର ସମର୍ଥନକୁ ତାଙ୍କ ସଫଳତା ପଛରେ ପ୍ରେରକ ଶକ୍ତି ବୋଲି ଦର୍ଶାଇଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ପଦକ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଉଥିଲେ ।

କ୍ରୀଡ଼ାରେ ଉତ୍କୃଷ୍ଟ ହେବା ବ୍ୟତୀତ ରୋହିତ ସମନ୍ୱିତ ଗଣିତର ସ୍ନାତକୋତ୍ତର ଛାତ୍ର ଭାବରେ ନିଜର ଶିକ୍ଷାଗତ କାର୍ଯ୍ୟକୁ ସନ୍ତୁଳିତ କରିବା ଜାରି ରଖିଛନ୍ତି, ଯାହା ତାଙ୍କ ସଫଳତାରେ ଅଧିକ ଭିନ୍ନତା ଯୋଡିଛି। ସମଗ୍ର ବିଶ୍ୱବିଦ୍ୟାଳୟ ସମୁଦାୟ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ଏକାଠି ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି । ରୋହିତ ପାତ୍ର ଭାରତୀୟ ପାୱାରଲିଫ୍ଟିଂରେ ଜଣେ ଉଦୀୟମାନ ତାରକା ଏବଂ କୋରାପୁଟ ତଥା ଏହା ବାହାରେ ଯୁବବର୍ଗଙ୍କ ପାଇଁ ଆଦର୍ଶ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛନ୍ତି ।

# ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଜାଲ

## ହେଲଥ କେଆର ନର୍ସିଂହୋମ ରେଡ୍,ମାଲିକ ଫେରାର

କେନ୍ଦ୍ରାପଡ଼ା,୦୬/୧୦(ସଂଚାର): କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରିବା ଘଟଣାରେ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ରବିବାର ଚଢାଉ କରିଛି । କେନ୍ଦ୍ରାପଡା ସହରର ପୁରୁଣା ମେଡିକାଲ ରୋଡସ୍ଥିତ ହେଲଥ କେଆର ନର୍ସିଂ ହୋମ ଓ ନର୍ସିଂହୋମ ମାଲିକ ଅନୱାର ଅଲ୍ଲୀ ଖାନ୍‌ଙ୍କ ଜଇପୁରାସ୍ଥିତ ଘର ଉପରେ କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ସଦଳବଳେ ଚଢାଉ କରିଛନ୍ତି। କିନ୍ତୁ ଗିରଫ ହେବା ଭୟରେ ନର୍ସିଂହୋମର ମାଲିକ ଅନୱାର ଅଲ୍ଲୀ ଖାନ୍ ଫେରାର ହୋଇଯାଇଛନ୍ତି । ଫଳରେ ପୋଲିସ ଖାଲି ହାତରେ ଫେରିବାକୁ ବାଧ୍ୟ ହୋଇଛି । ତେବେ ଜାଲ କାଗଜପତ୍ର ବଳରେ ନର୍ସିଂ ହୋମ ଚଳାଉଥିବା ପ୍ରଶାସନ ସ୍ପଷ୍ଟ ହେବା ପରେ ଏବଂ ଥାନାରେ ଏତଲା ଦିଆଯିବା ପରେ ମଧ୍ୟ ନର୍ସିଂହୋମକୁ କାହିଁକି ସିଲ କରାଯାଇ ନାହିଁ ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ହେଲଥ କେଆର ନର୍ସିଂହୋମ ବର୍ତ୍ତମାନର ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କ ଦସ୍ତଖତକୁ ଜାଲିଆତି କରି ନର୍ସିଂହୋମ ବିଲଡିଂର ପ୍ଲାନ ଅନୁମୋଦନ ହୋଇଥିବା କଟକ ମଣ୍ଡଳ ଅଗ୍ନିଶମ ବିଭାଗକୁ ପଠାଇଥିଲା । ହେଲେ କାଗଜପତ୍ର ଯାଞ୍ଚ ବେଳେ ଅଗ୍ନିଶମ ବିଭାଗ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଯୋଗାଯୋଗ କରିବା ଓ ତାଙ୍କ ଦସ୍ତଖତ ଅସଲି କି ନକଲି ତାହା ଜାଣିବା ପାଇଁ ଚାହିଁବାରୁ ଏହା ଜାଲ ଥିବା ଜଣାପଡିଥିଲା । ନିର୍ବାହୀ ଅଧିକାରୀ କହିଥିଲେ ଯେ ଏହି ନର୍ସିଂହୋମ କୋଠାର ପ୍ଲାନ ସେ ଅନୁମୋଦେନ କରିନାହାନ୍ତି । କିନ୍ତୁ ତାଙ୍କ ଦସ୍ତଖତ ଥାଇ ପ୍ଲାନ ଅନୁମୋଦନ ହୋଇଥିବା ନିର୍ବାହୀ ଅଧିକାରୀ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ । ଏହି ଏତଲାକୁ ଭିତ୍ତିକରି ଟାଉନ ଥାନା ଅଧିକାରୀ ଦିଲ୍ଲିପ ସାହୁ ଏକମାମଲା ନର୍ସିଂ ହୋମ ମାଲିକ ଅନୱାର ଅଲ୍ଲୀ ଖାନ୍‌ଙ୍କ ନାମରେ ରୁଜୁ କରିଥିଲେ । ତାଙ୍କୁ ଗିରଫ କରିବା ପାଇଁ ଏହି ଚଢାଉ କରାଯାଇଥିଲା ।

# ଚାଷୀଙ୍କୁ ଦଳିଦେଲା ଦନ୍ତା



ଦେବଗଡ଼, ୬।୧୦ (ସଂଚାର ବ୍ୟୁରୋ): ଚାଷୀଙ୍କୁ ଦଳି ଦେଲା ଦନ୍ତା। ଘଟଣାସ୍ଥଳରେ ଚାଲିଗଲା ଜୀବନ। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ କାଞ୍ଚିଆମ ଗାଁରେ ଘଟିଛି ଏହି ଘଟଣା। ମୃତକଙ୍କ ନାଁ ଯାତ୍ରାକର ପ୍ରଧାନ। ତାଙ୍କୁ ୪୫ ବର୍ଷ ହୋଇଥିଲା। ସେ ଶୌଚ ହେବା ପାଇଁ ଯାଇଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୁଲିସ ସେଠାରେ ପହଞ୍ଚିଥିଲେ।

# ଭରତପୁର ଇଫେକ୍ଟ: ରାଜଧାନୀରେ ଦୁଇ ମହିଳା ହାତାହାତି



ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ଜୟଦେବ ଭବନ ପାର୍କିରେ ରବିବାର ଦେଖିବାକୁ ମିଳିଛି ନାରୀ ସଶକ୍ତୀକରଣର ଝଲକ। ଏକ ସାମାଜିକ ଘଟଣାକୁ ନେଇ ଦୁଇ ମହିଳା ସମାଜସେବୀଙ୍କୁ ଦେଖିବାକୁ ମିଳିଛି ମହିଷାସୁରମର୍ଦ୍ଦିନୀ ରୂପରେ। ଭରତପୁର ଥାନା ଘଟଣାକୁ ନେଇ ମତଭେଦ ଏମିତି ଉଗ୍ର ରୂପ ନେଲା ଯେ ଦୁହେଁ ସର୍ବସମ୍ମୁଖରେ ହାତାହାତି, ଚୁଟି ଧରାଧରି ହେବାକୁ ପଛେଇଲେ ନାହିଁ ।

ଏହି ହାଇଡ୍ରାମା ଦେଖିବାକୁ ସେଠାରେ ଦୀର୍ଘ ସମୟ ଧରି ଜମିଥିଲା ଭିଡ। ଉଭୟ ନିଜକୁ ସମାଜସେବୀ ବୋଲି କହୁଛନ୍ତି। ଜଣେ ମହିଳା ଗଣମାଧ୍ୟମକୁ ବାଇଟ୍ ଦେଉଥିବା ବେଳେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସେଠାରେ ପହଞ୍ଚିଥିଲା ପୋଲିସ। ଉଭୟଙ୍କୁ ବୁଝାସୁଝା କରାଯାଇଥିଲା। ସୋସିଆଲ ମିଡିଆରେ ପରସ୍ପର ପ୍ରତି ଆକ୍ଷେପ ପ୍ରତିଆକ୍ଷେପକୁ ନେଇ ମାରପିଟ ହୋଇଥିବା ଜଣାପଡ଼ିଛି।

ଭରତପୁର ଥାନା ମାମଲା ଦେଶରେ ହଇଚଇ ସୃଷ୍ଟି କରିଥିଲା । ଏହି ଘଟଣା ହିଁ ଥିଲା ଉଭୟଙ୍କ ଚୁଟିଧରାଧରିର ମୂଳ କାରଣ। ଉଭୟଙ୍କ ମଧ୍ୟରୁ ଜଣେ ମହିଳା ଘଟଣାରେ ପୋଲିସକୁ ସମର୍ଥନ କରିଥିବା ବେଳେ ଆଉ ଜଣଙ୍କ ସମ୍ପୃକ୍ତ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ସମର୍ଥନ କରିଥିଲେ। ଏହାକୁ ନେଇ ଦୁଇ ମହିଳାଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଯୁକ୍ତିତର୍କ, କଥା କଟାକଟି ଲାଗି ରହିଥିଲା। ଆଜି ଯାହା ହାତାହାତି ପରିସ୍ଥିତିକୁ ଆସିଥିଲା ଜୟଦେବ ଭବନ ପାର୍କିରେ। ଜଣେ ଗଣମାଧ୍ୟମକୁ ବାଇଟ ଦେବା ବେଳେ ଅନ୍ୟଜଣେ ସେଠାରେ ପହଞ୍ଚି ଯାଇଥିଲେ। ତା ପରେ ପରସ୍ପର ସହ ଲଢେଇ କରିଥିଲେ । ନିଜକୁ ସମାଜସେବୀ କହୁଥିବା ଦୁଇ ମହିଳା ଭୁଲିଗଲେ ସମାଜ ପ୍ରତି ସେମାନଙ୍କ ମୂଲ୍ୟବୋଧ, ଦାୟିତ୍ୱ। ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା।

# କଣ୍ଟେନର-ଟ୍ରକ ମୁହାଁମୁହିଁ: ଜଳିଗଲେ ଦୁଇ ଡ୍ରାଇଭର



ସମ୍ବଲପୁର୬।୧୦ (ସଂଚାର ବ୍ୟୁରୋ): ଜଳିଗଲେ ଦୁଇ ଡ୍ରାଇଭର। ସମ୍ବଲପୁର ଜିଲ୍ଲା ଜମନକିରା ଅଞ୍ଚଳରୁ ଆସିଛି ଏଭଳି ଅଭାବନୀୟ ଘଟଣା। ୫୩ ନମ୍ବର ଜାତୀୟ ରାଜପଥର କଦଳୀପାଳ ନିକଟରେ କଣ୍ଟେନର ଓ ଆଇରନ ଗାଡି ମଧ୍ୟରେ ସାମ୍ନା ସାମ୍ନି ଧକ୍କା ହେବା ପରେ ହଠାତ୍ ନିଆଁ ଲାଗିଥିଲା। ଯେଉଁଥିରେ ଉଭୟ ଟ୍ରକ୍ ଓ କଣ୍ଟେନର ଦୁଇ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ସେପଟେ ହେଲପର ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ହେଲପରଙ୍କୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ କଣ୍ଟେନର ଡ୍ରାଇଭର ହେଉଛନ୍ତି ରେହମାନ ଖାନ। ଦୁର୍ଘଟଣା ପରେ ଜମନକିରା ପୋଲିସ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଚଳାଇଛନ୍ତି। ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଜାମ ହୋଇଥିବା ବେଳେ, ଉଭୟ ପଟେ ଗାଡି ମଟର ଛିଡା ହୋଇରହିଛି।

# ନବରାତ୍ର ଉପଲକ୍ଷେ ଭଜନ ସମାରୋହ



ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ଶ୍ରୀ ଜଗନ୍ନାଥ ଆଶ୍ରୀତମଣ୍ଡଳୀପକ୍ଷରୁ ନବରାତ୍ର ଉପଲକ୍ଷେ ଜୟଦେବବିହାରସ୍ଥ ମାଭଗବତୀ ମନ୍ଦିର ପରିସରରେ ବାଳକୃଷ୍ଣସାହୁଙ୍କ ସର୍ଭା ପତିତ୍ୱରେ ଏକମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ସିଦ୍ଧାର୍ଥ ମିଶ୍ର ସାଲ ବେଗ, ଦୀନକୃଷ୍ଣ, ବନମାଳୀ ଆଦି ଶପ୍ରାଚୀନ କବି ମାନଙ୍କ ଭଜନ ଗାନ କରିଥିଲେ, ଡକ୍ଟର ଆରତି କରନବରାତ୍ର ପାଳନ ସଂପର୍କରେ ସମ୍ୟକ ଆଲୋକପାତ କରିଥିଲେ, ସଂପାଦକ ଇଂ ଗଣେଶଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଏହି ସମାରୋହରେ ଧରଣୀଧର ବେହେରା.ପ୍ରହ୍ଲାଦ ସାହୁ, ବିରଜା ପ୍ରସାଦ ଶତପଥୀ, ରାମ ନାରାୟଣ ମିଶ୍ର, ତପନ କର, ଜ୍ଞାନ ରଂଜନ ଦାସ, ରମାକାନ୍ତ ମିଶ୍ର ଆଦି ଉପସ୍ଥିତ ଥିଲେ, କୈଳାସ ଚନ୍ଦ୍ର ରଥ, ଅନୂପରାଉତ ଆଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ,

# ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅନ୍ଧାରରେ ୭ଗାଁ



ମାର୍ଶାଘାଇ(ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ୭ଟି ଗାଁ ଅନ୍ଧାରରେ ରହୁଛି । ଏହାଦ୍ୱାରା ରାତିବେଳା ଲୋକେ ଯିବା ଆସିବା କରିବାରେ ସମସ୍ୟାରେ ପଡୁଛନ୍ତି । ସେହିପରି ଗାଁ ରାସ୍ତା ଅନ୍ଧାର ରହୁଥିବାରୁ ବିଷାକ୍ତ ଜୀବଜନ୍ତୁ ଲୋକଙ୍କୁ କାମୁଡୁଛନ୍ତି । ଏ ନେଇ ଗ୍ରାମବାସୀମାନେ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଆୟତପୁର, ବାଲିସିଙ୍ଗି, ଡିହବଳରାମପୁର, ବିଲବଳରାମପୁର, ଅମୃତମଣୀପାଟଣା, ମାହାରକୂଳ ଓ ଦିଆନପାଟଣା ପ୍ରମୁଖ ୭ଟି ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି ଯେ ଷ୍ଟ୍ରୀଟ୍ ଲାଇଟ୍ ନଥିବାରୁ ସନ୍ଧ୍ୟାବେଳେ ପିଲାମାନେ ଟ୍ୟୁସନ ଯିବା ଆସିବା କରିବା ବେଳେ ସମସ୍ୟାରେ ପଡୁଛନ୍ତି । କାରଣ ଗାଁ ଦାଣ୍ଡରେ ଶରୀସୃପ ବଲୁଛନ୍ତି । କେତେଜଣ ପିଲା ଶରୀସୃପ କାମୁଡାର ଶିକାର ହେଲେଣି । ସେହିପରି ରାତିରେ ବିଭିନ୍ନ କାମରେ ବାହାରକୁ ଯାଇଥିବା ଲୋକେ ଘରକୁ ଫେରିବା ବେଳେ ମଧ୍ୟ ସମସ୍ୟାରେ ପଡୁଛନ୍ତି । ଏହାକୁ ନେଇ ଅସାମାଜିକ କାର୍ଯ୍ୟ ମଧ୍ୟ ଘଟୁଛି । ଏ ନେଇ ଗ୍ରାମବାସୀ ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଯେଉଁ ଠିକାଦାର ଷ୍ଟ୍ରୀଟ୍ ଲାଇଟ୍ ଲଗାଇବା ଦାୟିତ୍ୱ ନେଇଥିଲା ସେ ନିମ୍ନମାନର ଷ୍ଟ୍ରୀଟ୍ ଲାଇଟ୍ ଲଗାଇଥିଲେ । ଯାହା ଫଳରେ କିଛି ଦିନ ବ୍ୟବଧାନରେ ସେଗୁଡିକ ଆଉ ଜଳୁନାହିଁ । ତେଣୁ ଯେଉଁ ଠିକାଦାର ଷ୍ଟ୍ରୀଟ୍ ଲାଇଟ୍ ଲଗାଇବା ଦାୟିତ୍ୱ ନେଇଥିଲେ ତାହାର ଭିଜିଲାନ୍ସ ତଦନ୍ତ କରାଯାଉ । ଫଳରେ କିଏ କେତେ ପିସି ଖାଇ ନିମ୍ନମାନର ଷ୍ଟ୍ରୀଟ୍ ଲାଗାଇଛି ତାହା ପଦାକୁ ଆସିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ରାଗିଂ:୪ ବିଦା




ବ୍ରହ୍ମପୁର,୬।୧୦(ସଂଚାର ବ୍ୟୁରୋ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ରାଗିଂ ଘଟଣା ଘଟିଥିଲା । ହଷ୍ଟେଲ ତଥା ସିନିୟର୍ ଓ ଜୁନିଅରଙ୍କ ମଧ୍ୟରେ ଏଭଳି ଘଟଣା ବାହାରକୁ ଆସିଥିଲା । ଏହାର ସଠିକ୍ ତଥ୍ୟ ଜାଣିବା ନେଇ ବୈଠକ ହୋଇଥିଲା । ସେତେବେଳେ ତଦନ୍ତ ଚାଲିଛି ବୋଲି ପିଜି ବିଭାଗ ଅଧ୍ୟକ୍ଷ ପ୍ରଫେସର ଏସ ତ୍ରିପାଠୀ କହିଥିଲେ । ରିପୋର୍ଟ କୁଳପତିଙ୍କୁ ଦିଆଯାଇଥିଲା । ଘଟଣାରେ ୪ ଛାତ୍ର ବିଦାୟ ହୋଇଛନ୍ତି । ମୋଟରେ ୧୭ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୧୩ ଜଣଙ୍କ ଉପରେ ଜୋରିମାନା ହୋଇଛି । ନାଚ ଗୀତ ଏବଂ ନାମ ପଚାରିବା ଭଳି ଅଭିଯୋଗ ଆସିଛି । ହଷ୍ଟେଲ ଗୁଡ଼ିକ ଉପରେ ପୂର୍ବରୁ ନଜର ରହିବା କଥା । ନଜର ରହିଥିଲେ ଏଭଳି ଘଟଣା ଘଟିବା ସାହସ ହୋଇନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି ।

# ତିସ୍‌ମାର୍‌ଖାନ ବନିଥିଲେ ୩ ଭାଇ

## ଧରାପଡିଲା ପାପୀ ପୂଜକଙ୍କ ପୂଜାପାଠ

ଜଗତ୍‌ସିଂଘପୁର,୬।୧୦(ସଂଚାର ବ୍ୟୁରୋ): ପୂଜକ ବେଶରେ ଆସୁଥିଲେ, ପୂଜକ ବେଶରେ ଆସୁଥିଲେ, ପୂଜାପାଠ ନାଁରେ ମନ୍ଦିରରେ କଳାକନା ବୁଲାଉଥିଲେ। ମନ୍ଦିରରୁ ପ୍ରାଚୀନ ମୂର୍ତ୍ତି ସହ ଠାକୁରଙ୍କ ଅଳଙ୍କାର ଲୁଟୁଥିବା ତିନି ଲୁଟେରା ଭାଇଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ତିନିଭାଇ ମିଶି ୩ ଜିଲ୍ଲାର ୧୨ଟି ମନ୍ଦିରରୁ ଲୁଟ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ବରଦା ପ୍ରସାଦ ଆଚାର୍ଯ୍ୟ, ସାରଦା ପ୍ରସାଦ ଆଚାର୍ଯ୍ୟ ଓ ଆନନ୍ଦ ଆଚାର୍ଯ୍ୟ। ପୋଲିସ ସୂଚନା ଅନୁସାରେ ଏମାନେ ସମ୍ପର୍କରେ ତିନି ଭାଇ। ଏମାନେ ପୂଜକ ବେଶରେ ମନ୍ଦିରକୁ ଯାଉଥିଲେ। ସେଠାରେ ପୂଜାପାଠ କରିବା ବାହାନାରେ ମୂର୍ତ୍ତି ସମେତ ଅଳଙ୍କାର ଲୁଟି ନେଉଥିଲେ। ଗତକାଲି ବିଳମ୍ବିତ ରାତିରେ ବାଲିପାଟଣା ଥାନା ବାଲେଶ୍ୱର ମନ୍ଦିରରୁ ଚୋରି ହୋଇଥିଲା। ଘଟଣାର ତଦନ୍ତ କରି ମାମଲାରେ ସଂପୃକ୍ତ ବରଦା ଓ ଆନନ୍ଦକୁ କମିଶନରେଟ ପୋଲିସ ଗିରଫ କରିଥିବାବେଳେ ସାରଦାକୁ କାବୁ କରିଛି ଜଗତସିଂହପୁର ପୋଲିସ। ଅଭିଯୁକ୍ତମାନେ ଅଭ୍ୟାସଗତ ଚୋର ହୋଇଥିବାବେଳେ ସେମାନଙ୍କୁଠାରୁ ବହୁ ଲୁଟ୍ ସାମଗ୍ରୀ ଜବତ ହୋଇଛି। ତେବେ ଏମାନଙ୍କ ଗିରଫ ପରେ ଏବେ ଅନେକ ପ୍ରଶ୍ନ ପୋଲିସ ପାଇଁ ଉଭା ହୋଇଛି।ଏମାନେ ଏହି ଚୋରି ସାମଗ୍ରୀ କେଉଁଠାକୁ ଚାଲାଣ କରୁଥିଲେ ? ଏହି ସାମଗ୍ରୀ କେଉଁଠାରେ ବ୍ୟବହାର ହେଉଥିଲା ? ଓଡିଶା ବାହାରେ ଏହି ମୂର୍ତ୍ତି ବହୁମୂଲ୍ୟରେ ବିକ୍ରି ହେଉଛି କି ? ତାଙ୍କ ରାକେଟରେ ଆଉ କିଏ ସମ୍ପୃକ୍ତ ଅଛି କି ନାହିଁ ? ଅନ୍ୟ କେଉଁ ଜିଲ୍ଲାରୁ ଚୋରି କରିଥିଲେ କି ନାହିଁ ? ସେନେଇ କମିଶନରେଟ ପୋଲିସ ଅଧିକ ତଦନ୍ତ କରୁଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଇପାରେ ବୋଲି ଡିସିପି କହିଛନ୍ତି। ଅନ୍ୟପଟେ ବିଗତ ଦିନରେ ଯାଜପୁର ଜିଲ୍ଲାରୁ ହୋଇଥିବା ମୂର୍ତ୍ତି ଚୋରିରେ ଏମାନଙ୍କ ସମ୍ପୃକ୍ତି ନେଇ ସୂଚନା ମିଳିଛି। ପଚରାଉଚରା ବେଳେ ସେମାନେ ଏ ସମ୍ପର୍କରେ କିଛି ସୂଚନା ଦେଇଛନ୍ତି। ଏହାର ମାଷ୍ଟରମାଇଣ୍ଡ ଅନ୍ୟ ରାଜ୍ୟରେ ରହି ଓଡ଼ିଶାରେ ଅପରେଟ କରୁଥିବା ଜାଣିବାକୁ ମିଳିଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଇସାରା ଦେଇଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର।



## ବିଜେଡି ଉପଦେଷ୍ଟା କମିଟି ବୈଠକ

# ରାଜ୍ୟ ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବୁ



## ନବୀନ ରାଜ୍ୟବାସୀଙ୍କ ସର୍ବାଧିକ ଲୋକପ୍ରିୟ ନେତା

ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳର ଉପଦେଷ୍ଟା କମିଟି ବୈଠକ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆଜି ଶଙ୍ଖ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ଦଳର ବରିଷ୍ଠ ନେତା ତଥା ଉପଦେଷ୍ଟା କମିଟିର ସଦସ୍ୟମାନେ କହିଥିଲେ ଯେ, ବିଜୁ ଜନତା ଦଳ ଗତ ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥିଲେ ହେଁ, ବିଭିନ୍ନ ଦଳ ପାଇଥିବା ଭୋଟ ସଂଖ୍ୟା ହିସାବରେ ରାଜ୍ୟର ଏକ ନମ୍ବର ଦଳ ହୋଇ ରହିଛି। ତାଛଡା ଦଳର ସଭାପତି ତଥା ନବୀନ ପଟ୍ଟନାୟକ ଏବେବି ଓଡ଼ିଶାବାସୀଙ୍କ ସବୁଠାରୁ ଅଧିକ ପସନ୍ଦ ନେତା। ଶ୍ରୀ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟରେ ଆରମ୍ଭ ହୋଇଥିବା ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ଦେଖିବାକୁ ମିଳୁଛି। ବର୍ତ୍ତମାନର ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବିଫଳତା ଜନ ସାଧାରଣଙ୍କ ପାଖରେ ପହଁଚିଛି। ବିଜେପି ଦ୍ୱାରା ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ମଧ୍ୟ ଜନସାଧାରଣ ଜାଣିଲେଣି। ବିଜେପିର ମିଛ ପ୍ରତିଶ୍ରୁତିକୁ ଲୋକଙ୍କ ନିକଟରେ ସଚେତନ କରିବା ସଙ୍ଗେ ସଙ୍ଗେ ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ବିଜୁ ଜନତା ଦଳ ତାର କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ ବୋଲି ବୈଠକରେ ସ୍ଥିର ହୋଇଥିଲା।

ଏହି ବୈଠକରେ ଉପସ୍ଥିତ ଥିବା ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଦଳ ତରଫରୁ ବିଭିନ୍ନ ପ୍ରସଙ୍ଗ ଉପରେ ନିଆଯାଇଥିବା ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକ୍ରମ ରୂପାନ୍ତରୀଣ କମିଟିର ଆବାହକ ଶ୍ରୀ ସଞ୍ଜୟ ଦାସବର୍ମା ଓ ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ସେମାନଙ୍କର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ। ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ମିଡିଆ ଟିମ୍ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ।

ବୈଠକରେ, ଉପଦେଷ୍ଟା କମିଟିର ସଦସ୍ୟ ଉଷା ଦେବୀ, ପ୍ରଫୁଲ୍ଲ ସାମଲ, ଚନ୍ଦ୍ର ଶେଖର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମନାଭ ବେହେରା, ବଦ୍ରି ନାରାୟଣ ପାତ୍ର, ଭୂପିନ୍ଦର ସିଂ, ମଙ୍ଗଳା କିସାନ, ରବି ନାରାୟଣ ନନ୍ଦ, ଆୟୁବ ଖାନ, ଶଶୀଭୂଷଣ ବେହେରା, ସରୋଜିନୀ ହେମ୍ବ୍ରମ, ରଜନୀ କାନ୍ତ ସିଂ, ଗଣେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ।

# କୁକୁଡ଼ା ପରିବହନରେ ଆରଏମ୍‌ସି ସାଜୁଛି ବାଧକ



ଭୁବନେଶ୍ୱର, ୬।୧୦: ରାଜ୍ୟରେ କୁକୁଡା ବ୍ୟବସାୟରେ ଏବେ ପ୍ରତିବନ୍ଧକ ସାଜିଛନ୍ତି ବିଭିନ୍ନ ସ୍ଥାନରେ ଥିବା ନିୟନ୍ତ୍ରିତ ବଜାର କମିଟି (ଆରଏମସି)। ନିୟମ ନଥିଲେ ମଧ୍ୟରେ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ କୁକୁଡା ପରିବହନ ଗାଡିକୁ ଅଟକାଇ ଜୋର ଜବରଦସ୍ତ ଅର୍ଥ ଆଦାୟ କରାଯାଉଛି। ଏ ସଂକ୍ରାନ୍ତରେ କମିଟି ପକ୍ଷରୁ କୌଣସି ନ୍‌ର୍ଦ୍ଦେଶନାମା ଦେଖାଯାଇ ପାରୁନଥିବାବେଳେ କୁକୁଡାଚାଷୀ ମହାସଂଘ ଏ ନେଇ ସମବାୟ ବିଭାଗ ଏବଂ ଅର୍ଥ ବିଭାଗ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। କୁକଡା ଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି ଯେ ନିୟମ ଅନୁଯାୟୀ ନିୟନ୍ତ୍ରିତ ବଜାର କମିଟି କୁକୁଡା ପରିବହନ କରୁଥିବା ଗାଡିକୁ ଟିକସ ଆଦାୟ କରିବାକଥା ନୁହେଁ। ପଡୋଶୀ ରାଜ୍ୟଗୁଡିକରେ ମଧ୍ୟ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଛି। ଇତି ମଧ୍ୟରେ ରାଜ୍ୟ ସରକାର ମଧ୍ୟ ଟୋଲଗେଟ୍ ଉଚ୍ଛେଦ କରିଛନ୍ତି। ହେଲେ ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷ ଏହାକୁ ମାନିବାକୁ ନାରାଜ। ମନଇଚ୍ଛା କୁକୁଡାଗାଡିକୁ ଅଟକାଇ ଅର୍ଥ ଦାବି କରୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ କୁକୁଡା ପରିବହନ ଗାଡିଗୁଡିକୁ ଅଟକାଇ ରସିଦ୍ କାଟି ଟିକସ ଆଦାୟ କରୁଛନ୍ତି। ଯେଉଁ ଗାଡିଗୁଡିକ ପ୍ରଶ୍ନ କରୁଛନ୍ତି ସେମାନଙ୍କୁ ଆଇନ୍ କାନୁନ୍‌ର ପାଠ ପଢ଼ାଇବା ସହିତ ଗାଡିଗୁଡିକୁ ଘଣ୍ଟା ଘଣ୍ଟା ଧରି ଅଟକ ରଖୁଛନ୍ତି। ଫଳରେ କୁକୁଡା ପରିବହନ କରୁଥିବା ସଂସ୍ଥା ଓ ବ୍ୟବସାୟୀ ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖୋଦ୍ ରାଜଧାନୀ ଓ ଏହାର ଆଖପାଖରେ ଏଭଳି ବେଆଇନ୍ ଟିକସ ଆଦାୟ ହେଉଥିବେଳେ କୁକୁଡାଚାଷୀ ମହାସଂଘ ଦୃଢ ପ୍ରତିବାଦ କରିବା ସହିତ ଥାନାଫାଣ୍ଡିରେ ମାମଲା ହେବା ପରେ ଆରଏମସି କର୍ତ୍ତୃପକ୍ଷ ଆଉ ଅର୍ଥ ଆଦାୟ କରୁନାହାନ୍ତି। ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଆରଏମ୍‌ସିଗୁଡିକ କିନ୍ତୁ ଏହାକୁ ମାନିବାକୁ ନାରାଜ ଥିବା କହିଛନ୍ତି କୁକୁଡାଚାଷୀ ମହାସଂଘର ସଭାପତି ଜ୍ୟୋତିକାନ୍ତ ମହାପାତ୍ର। ସେ କହିଛନ୍ତି ମହାସଂଘ ପକ୍ଷରୁ ଗତ ଚାରିବର୍ଷ ଧରି ଏ ସଂକ୍ରାନ୍ତରେ ପ୍ରାଣୀସମ୍ପଦ ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ, ଓସମା ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଆଦିଙ୍କ ଦ୍ୱାରସ୍ଥ ହେବା ସହିତ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ହେଲେ ବିଭାଗ ମଧ୍ୟରେ ସମନ୍ୱୟ ନଥିବାରୁ ଚାରିବର୍ଷ ଧରି ଫାଇଲ୍ ଉପରତଳ ହେବାରେ ଲାଗିଛି। ଓଡ଼ିଶା ଭିତରେ କୁକୁଡାପରିବହନ କରୁଥିବା ବ୍ୟବସାୟୀ ଓ ଗାଡିଚାଳକମାନେ ଆରଏମସି କର୍ତ୍ତୃପକ୍ଷଙ୍କ ଦ୍ୱାରା ହଇରାଣ ହରକତ ହେଉଥିବାବେଳେ ରାଜ୍ୟ ବାହାରକୁ କୁକୁଡା ପରିବହନ କ୍ଷେତ୍ରରେ ମଧ୍ୟ ଆରଏମସି କର୍ତ୍ତୃପକ୍ଷ ବାଧକ ସାଜୁଛନ୍ତି। ଅଧିକାଂଶ ସ୍ଥାନରେ ବିଳମ୍ବିତ ରାତ୍ରି କିମ୍ବା ପାହାନ୍ତା ପ୍ରହରରେ କୁକୁଡାଗାଡି ଗୁଡିକୁ ଅଟକାଯାଉଥିବାବେଳେ ସେହି ସମୟରେ ପୁଲିସ୍‌କୁ ଡାକି ମୁକୁଳିବା କିମ୍ବା ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ସହିତ ଯୁକ୍ତିତର୍କ କରି ସମୟ ଅପଚୟ କରିବା ବଦଳରେ ଗାଡିଚାଳକମାନେ ହାତଗୁଞ୍ଜା ଦେଇ ଯା ଆସ କରୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଆରଏମସି କୁକୁଡା ପରିବହନଯାନ ଉପରୁ ଟିକସ ଆଦାୟ କରିପାରିବ କି ନାହିଁ ସେ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିବାକୁ କୁକୁଡାଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। (ତଥ୍ୟ)

# ମୋଟର କର୍ମଚାରୀ ୟୁନିଅନ୍ ପକ୍ଷରୁ ସହାୟତା



କଟକ,୬।୧୦(ସଂଚାର ବ୍ୟୁରୋ): ଦୁର୍ଘଟଣା ଗ୍ରସ୍ତ ବସର ଡ୍ରାଇଭର କୈଳାସ ମହାରଣାଙ୍କର ମୃତ୍ୟୁରେ କଟକ ମୋଟର କର୍ମଚାରୀ ୟୁନିଅନ୍ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ କୈଳାସ ମହାରଣାଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା । ସ୍ୱର୍ଗତ ମହାରଣାଙ୍କ ପୁତ୍ର ସୁରେଶ ମହାରଣାଙ୍କୁ କଟକ ମୋଟର କର୍ମଚାରୀ ୟୁନିଅନର ପକ୍ଷରୁ ସଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଉକ୍ତ ଶୋକସଭାରେ ସହ ସମ୍ପାଦକ ଗଗନ ପରିଡା,ହିରାଲାଲ୍ ପଣ୍ଡା,ଚକ୍ରବର୍ତୀ ଓତା,କୋଷାଧ୍ୟକ୍ଷ ବିଭୁତି ଭୂଷଣ ରାଉତ,ସୋମନାଥ ସାହୁ,ଅଚ୍ୟୁତ ଝୁଟିଆ,ଶ୍ରୀକାନ୍ତ ଛାଟକ,ରଘୁନାଥ ବାରିକ୍,ନାରାୟଣ ନାୟକ,ରାକେଶ ରାଉତ,ଗୌରାଙ୍ଗ ବେହେରା,ଅନିଲ ବାରିକ,ସାଗର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମରଣ ଅନଶନରେ ଜୁନିଅର ଡାକ୍ତର




**କୋଲକାତା, ୬।୧୦:** କୋଲକାତା ଆରଜି କର ମେଡିକାଲ କଲେଜର ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଜୁନିଅର ଡାକ୍ତରମାନେ ଏବେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମମତା ସରକାର ପ୍ରତିଶ୍ରୁତି ଦେବା ପରେ ମଧ୍ୟ ସେମାନଙ୍କ ଦାବି ପୂରଣ କରିନାହାଁନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ଧର୍ମତାଲାର ଡୋରିନା କ୍ରସିଂରେ ଧାରଣ ଆରମ୍ଭ କରିଥିଲେ ଜୁନିଅର ଡାକ୍ତର। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ପାଇଁ ୨୪ ଘଣ୍ଟାର ସମୟସୀମା ନିର୍ଧାରଣ କରିଥିଲେ। ହେଲେ ସରକାର ସମୟସୀମା ମଧ୍ୟରେ ଦାବି ପୂରଣ କରିନଥିବାରୁ ଆମରଣ ଅନଶନରେ ବସିବା ନେଇ ଜୁନିଅର ଡାକ୍ତରମାନେ ନିଷ୍ପତ୍ତି ନେଇଛନ୍ତି।ଆମରଣ ଅନଶନରେ ବସିଥିବା ଜଣେ ଜୁନିଅର ଡାକ୍ତର କହିଛନ୍ତି, 'ରାଜ୍ୟ ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି। ତେଣୁ ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଆରମ୍ଭ କରୁଛୁ। ପ୍ରତିଶ୍ରୁତି ଅନୁଯାୟୀ ଆମେ କାମକୁ ଫେରିବୁ, କିନ୍ତୁ କିଛି ଖାଇବୁ ନାହିଁ।'

ବର୍ତ୍ତମାନ ୬ ଜଣ ଜୁନିଅର ଡାକ୍ତର ଆମରଣ ଅନଶନ ଆରମ୍ଭ କରିଛନ୍ତି। ପରେ ପରେ ଅନ୍ୟ ଡାକ୍ତର ମାନେ ଏଥିରେ ସାମିଲ ହେବେ। ସ୍ୱଚ୍ଛତା ବଜାୟ ରଖିବାକୁ ମଞ୍ଚରେ ସିସିଟିଭି କ୍ୟାମେରା ଲଗାଯାଇଛି।

କହିରଖୁ ଯେ, ସେପ୍ଟେମ୍ବର ୧୭ ତାରିଖରେ ଜୁନିଅର ଡାକ୍ତର ଓ ମମତା ସରକାରଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଜୁନିଅର ଡାକ୍ତରଙ୍କ ସମସ୍ତ ଦାବିକୁ ମାନିନେଇଲେ ଦିଦି। ଦାବି ଅନୁଯାୟୀ

ଡାକ୍ତରୀ ଶିକ୍ଷା ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ହଟାଇ ଦିଆଯାଇଛି। ଏହା ସହିତ କୋଲକାତା ସିପି ବିନିତ ଗୋୟଲଙ୍କୁ ମଧ୍ୟ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ଡାକ୍ତରମାନେ ମମତା ସରକାରଙ୍କ ନିକଟରେ ପାଞ୍ଚଟି ଦାବି କରିଥିଲେ। ସେଥିମଧ୍ୟରୁ ତିନୋଟି ସରକାର ଗ୍ରହଣ କରିଥିଲେ। ଏହାର କିଛି ଦିନ ପରେ ଡାକ୍ତରମାନେ ବିରୋଧ ବନ୍ଦ କରିଥିଲେ। ତେବେ ଆଉ ଦୁଇଟି ଦାବି ପୂରଣ ହୋଇନଥିବାରୁ ଡାକ୍ତରମାନେ ପୁଣି ବିରୋଧ ଆରମ୍ଭ କରିଛନ୍ତି।



# ମୋଦି-ଶାହାଙ୍କୁ ନୀତିଶଙ୍କ ପ୍ରଶଂସା

## ବିଜେପି ସହ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟ

**ପାଟନା, ୬।୧୦:** ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର କେନ୍ଦ୍ରରେ କ୍ଷମତାସୀନ ବିଜେପି ସହ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛନ୍ତି। ବିଧାନସଭା ନିର୍ବାଚନରେ ବିଜପିର ସହଯୋଗ ଏବଂ ସମର୍ଥନ ବିନା ନୀତିଶଙ୍କ ଦଳ ଜେଡିୟୁ ଜିତିବା କଷ୍ଟକର ହେବ। ଏଥର ଆଉ ନୀତିଶଙ୍କ ସହ ସାଲିସ କରାଯିବନି ବୋଲି ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ତେଣୁ ଏନଡିଏରେ ରହିବା ବ୍ୟତିତ ନୀତିଶଙ୍କ ପାଇଁ ଅନ୍ୟ ଉପାୟ ନାହିଁ। ରବିବାର ନୀତିଶ ଦଳୀୟ ନେତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକାର ଉଦବୋଧନ ଦେଇ ବିହାରକୁ ଅଧିକ ଆର୍ଥିକ ଅନୁଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କୁ ପ୍ରଶଂସାରେ ପୋତିପକାଇଥିଲେ। ଏହା ସହିତ ଆଗକୁ ମଧ୍ୟ ବିହାରକୁ କେନ୍ଦର ଅଧିକ ସହାୟତା ଜାରି ରହିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ ଏନଡିଏରେ ଅଛନ୍ତି ଓ ରହିବେ। ବିହାରବାସୀ ଏହା ଚାହୁଁଛନ୍ତି। ବୈଠକରେ ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ, ଦଳୀୟ ସାଂସଦ, ବିଧାୟକ, ଜିଲ୍ଲା ସଭାପତି ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଘରେ ନିଆଁ ଲାଗି ୭ ଜଳିଗଲେ



**ମୁମ୍ବାଇ, ୬।୧୦:** ଭୟଙ୍କର ଅଗ୍ନିକାଣ୍ଡ। ଘରେ ନିଆଁ ଲାଗି ଜଳିଗଲେ ଗୋଟିଏ ପରିବାରର ୭ ଜଣ। ଏଭଳି କିଛି ଘଟଣା ଘଟିଛି ମୁମ୍ବାଇର ଚେମ୍ବୁର ଅଞ୍ଚଳରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

ଆଜି ସକାଳୁ ମୁମ୍ବାଇ ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନୀରେ ଥିବା ଏକ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଭୋର୍ ସାଢ଼େ ୪ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ଛୋଟ ଛୁଆ ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣା G + 2 ର ଏକ ଘରେ ଘଟିଥିଲା। ଏହି ଘର ତଳେ ଏକ କରାଣି ଦୋକାନ ଥିଲା ଏବଂ ଦୋକାନ ଉପରେ ୨ ମହଲା ବିଶିଷ୍ଟ ଏକ ଛୋଟ ଘର ତିଆରି ହୋଇଥିଲା। ଦୋକାନରେ ସଟ୍ ସର୍କିଟ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପରେ ନିଆଁ ପୂରା ଘରେ ବ୍ୟାପି ଯାଇଥିଲା। ନିଆଁ ଲାଗିବା ସମୟରେ ପୂରା ପରିବାର ଗୋଟିଏ ରୁମ୍‌ରେ ଶୋଇଥିଲେ। ଏମାନେ ସମସ୍ତେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି।

ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନେକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ଦୋକାନ ଏବଂ ଘରେ ଥିବା ସମସ୍ତ ସାମଗ୍ରୀ ମଧ୍ୟ ପୋଡି ପାଉଁଶ ହୋଇଯାଇଛି। ପୁଲିସ ମାମଲାର ତଦନ୍ତ ଜାରି ରଖିଛି।

# ନଦୀରେ ବୁଡ଼ି ୩ ଭାଇଙ୍କ ସମେତ ୭ ପିଲା ପ୍ରାଣ ହରାଇଲେ

**ପାଟନା, ୬।୧୦:** ନଦୀରେ ଗାଧୋଇବା ବେଳେ ୭ ନାବାଳକ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ତିନି ଭାଇ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଏହି ଘଟଣା ବିହାରର ରୋହତାସରେ ଘଟିଛି। ଆଜି ସକାଳେ ୭ ଜଣ ନାବାଳକ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ। ଜଣେ ନାବାଳକ ପ୍ରଥମେ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ଫଳରେ ଅନ୍ୟମାନ ତାଙ୍କୁ ଉଦ୍ଧାର କରିବା ପାଇଁ ନଦୀକୁ ପଶିଥିଲେ। କିନ୍ତୁ ଜଣଙ୍କ ପରେ ଜଣେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ପିଲାମାନଙ୍କ ପାଟି ଶୁଣି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଟିମକୁ ଖବର ଦେଇଥିଲେ। ଖବର ପାଇ ଉଦ୍ଧାରକାରୀ ଟିମ୍ ପାଞ୍ଚ ଜଣଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେହିପରି ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବର୍ତ୍ତମାନ ସେମାନଙ୍କ ଚିକିତ୍ସା ଚାଲିଛି। ସେପଟେ, ଅନ୍ୟ ଦୁଇ ପିଲାଙ୍କ ପତ୍ତା ମିଳୁନି। ଖବର ଲେଖା ହେବା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ସବୁଠୁ ବଡ଼ କଥା ହେଉଛି କି ମୃତ ୩ ନାବାଳକ ଗୋଟିଏ ପରିବାରର। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆପ୍ ନେତାଙ୍କୁ ଗୁଳି

**ଚଣ୍ଡିଗଡ଼, ୬।୧୦:** ପଞ୍ଜାବ ଆମ ଆଦମୀ ପାର୍ଟୀ (ଆପ)ର ଜଣେ ବରିଷ୍ଠ ନେତା ମନଦୀପ ସିଂ ବ୍ରାର୍ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ତାଙ୍କୁ ଜଲାଲାବାଦସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘଟିଛି ପଞ୍ଜାବର ଫଜିଲକା ଜିଲ୍ଲାରେ। ଶିରୋମଣି ଅକାଳି ଦଳର ଜଣେ ସ୍ଥାନୀୟ ନେତାଙ୍କ ସହ ତାଙ୍କର କୌଣସି ଏକ ପ୍ରସଙ୍ଗରେ ଯୁକ୍ତିତର୍କ ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ରାଗିଯାଇ ଅକାଳି ନେତାଜଣକ ତାଙ୍କ ରିଭଲଭର ବାହାର କରି ଆପ ନେତାଙ୍କ ଉପରକୁ ଗୁଳି କରିଥିଲେ। ଗୁଳି କରିଥିବା ଅକାଳି ନେତାଙ୍କ ନାମ ଭରଦେବ ସିଂହ ମାନ। ଜଲାଲାବାଦର ଆପ ବିଧାୟକ ଜଗଦୀପ କାମ୍ବୋଜ ଭରଦେବଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ସ୍ଥାନୀୟ ବିଡିଓ ଅଫିସ ସମ୍ମୁଖରେ ଦୁଇ ନେତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏ ଯାବତ କାହାରିକୁ ଗିରଫ କରାଯାଇନାହିଁ।

# ମସ୍‌ଜିଦ ଉପରେ ଏୟାରଷ୍ଟ୍ରାଇକ୍, ୨୪ ମୃତ

**ତେଲଆଭିଭ୍, ୬।୧୦:** ପୁଣି ଥରେ ଗାଜାରେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଛି ଇସ୍ରାଏଲ। ରବିବାର ଗାଜାର ଏକ ମସଜିଦ ଉପରେ ଇସ୍ରାଏଲ ରକେଟ୍ ମାଡ଼ କରିଛି। ଏଥିରେ ଅତିକମ୍‌ରେ ୨୪ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଆହତ ହୋଇଛନ୍ତି। ଇସ୍ରାଏଲ ଓ ହମାସ ଯୁଦ୍ଧକୁ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ଏହି ଆକ୍ରମଣ ହୋଇଛି। ମଧ୍ୟ ଗାଜା-ପଛି ଡେର୍ ଅଲ-ବାଲା ସ୍ଥିତ ଅଲ-ଅକ୍ସା ହସ୍ପିଟାଲ ନିକଟରେ ଥିବା ମସଜିଦ ଉପରେ ଆକ୍ରମଣ କରିଛି ଇସ୍ରାଏଲ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। କାରଣ



ଏଠାରେ ବହୁ ସଂଖ୍ୟାରେ ବିସ୍ଥାପିତମାନେ ଆଶ୍ରୟ ନେଇଥିଲେ। ଇସ୍ରାଏଲ ସେନା କହିଛି, ହମାସ ଆତଙ୍କବାଦୀଙ୍କ ଉପରେ ସଠିକ୍ ଆକ୍ରମଣ ହୋଇଛି। ଡେର ଅଲ ବାଲା ଅଞ୍ଚଳରେ ଥିବା ଶୁହାଦା ଅଲ-ଅକ୍ସା ମସ୍‌ଜିଦ ଭିତରେ ହମାସ ଆତଙ୍କବାଦୀ ଗତିବିଧି ପରିଚାଳନା କରୁଥିଲା। ଏହି ମସଜିଦ ଭିତରେ ହମାସର କମାଣ୍ଡ ସେଣ୍ଟର ଓ କଣ୍ଟ୍ରୋଲ ରୁମ୍ ଚଳାଉଥିଲା।

ସୂଚନାଯୋଗ୍ୟ, ଗାଜାରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ରହିଛି। ଗୋଟିଏ ପଟେ ଯୁଦ୍ଧ ଉପରେ ବିରାମ ଲଗାଇବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଏବଂ ଅନ୍ୟ ପଟେ ପୋଲିଓ ଅଭିଯାନ ଭଳି ମାନବିକ ସହାୟତା ମଧ୍ୟ ଜାରି ରହିଛି। ଏଭଳି ପରିସ୍ଥିତିରେ ଗାଜା ଏବଂ ଇସ୍ରାଏଲ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି। ଅନ୍ୟପକ୍ଷରେ, ହଜାର ହଜାର ଇସ୍ରାଏଲ ନାଗରିକଙ୍କୁ ହତ୍ୟା ଏବଂ ବନ୍ଧକ ରଖିବା ପରେ ଇସ୍ରାଏଲ ହମାସ ବିରୋଧରେ ଅଭିଯାନକୁ ଜୋରଦାର କରିଛି।

# ଆଜି ମାଓ ପ୍ରଭାବିତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବୈଠକ



**ନୂଆଦିଲ୍ଲୀ, ୬।୧୦:** ଆସନ୍ତାକାଲି ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବୈଠକ। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ବୈଠକ ବସିବ। ଏହି ବୈଠକରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ। ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଶସସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ

# ଭାରତ ଗସ୍ତରେ ମାଳଦ୍ୱୀପ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୬।୧୦:** ମାଲଡିଭସର ରାଷ୍ଟ୍ରପତି ମହମ୍ମଦ ମୁଇଜୁ ସସ୍ତ୍ରୀକ ଭାରତ ଗସ୍ତରେ ଆସିଛନ୍ତି। ଜଣେ କଟ୍ଟର ଭାରତ ବିରୋଧୀ ଭାବେ ଜଣାଶୁଣା ମୁଇଜୁ ଗତ ବର୍ଷ ମାଲଡିଭସ ନିର୍ବାଚନରେ ବିଜୟୀ ହୋଇ ଦେଶର ରାଷ୍ଟ୍ରପତି ହେବା ପରେ ମାଲଡିଭସରୁ ତୁରନ୍ତ ନିଜ ସେନା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରପତି ହେବା ପରେ ସେ ପ୍ରଥମେ ଚୀନ ଗସ୍ତରେ ଯାଇ ସେଠାରେ ଭାରତ ବିରୋଧରେ ବର୍ଷିଥିଲେ। ତାଙ୍କ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଭାରତ ପ୍ରତି ବିଦ୍ରୁପ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଭାରତୀୟ ପର୍ଯ୍ୟଟକମାନେ ମାଲଡିଭସକୁ ଯିବା ବନ୍ଦ କରିଦେଲେ। ଫଳରେ ପର୍ଯ୍ୟଟନ ଶିଳ୍ପ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ମାଲଡିଭସର ଅର୍ଥନୀତି ଭୁଶୁଡ଼ି ପଡ଼ିଥିଲା। ଫଳରେ ମାଲଡିଭସ ବାଧ୍ୟ ହୋଇ ଭାରତକୁ ସହଯୋଗ ଲାଗି ନିବେଦନ କରିଥିଲା। ମାଲଡିଭସର ଭାରତ ବିରୋଧୀ ଆଭିମୁଖ୍ୟ ସତ୍ତ୍ୱେ ଭାରତ ସରକାର ମାଲଡିଭସକୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛି। ଏହା ପରେ ମୁଇଜୁ ଭାରତ ଗସ୍ତରେ ଆସି ତିକ୍ତ ସମ୍ପର୍କରେ ସୁଧାର ଆଣିବାକୁ ପ୍ରୟାସ କରୁଛନ୍ତି। ଏହି ଗସ୍ତ ଅବସରରେ ମୁଇଜୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଛାତ୍ରୀଙ୍କୁ ଅପହରଣ ପରେ ହତ୍ୟା ଘଟଣା: ଦୁଷ୍କର୍ମ ଅଭିଯୋଗକୁ ଖଣ୍ଡନ

**କୋଲକାତା, ୬।୧୦:** ପଶ୍ଚିମବଙ୍ଗରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ମାମଲାର ସତ ମାନିଛି ଅଭିଯୁକ୍ତ। ଛାତ୍ରୀକୁ ହତ୍ୟା କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଛି। କିନ୍ତୁ ଦୁଷ୍କର୍ମ କରିନଥିବା କହିଛି। ପୁଲିସର କହିବା ଅନୁସାରେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ସାତଟା ସମୟରେ ଛାତ୍ରୀ ଜଣକ ଟ୍ୟୁସନରୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ମୋସ୍ତାକିନ ସରଦାର ତାଙ୍କୁ ଘରେ ଛାଡ଼ିଦେବେ ବୋଲି କହିଥିଲେ। ଛାତ୍ରୀ ଜଣକ ମଧ୍ୟ ତାଙ୍କ ସାଙ୍ଗରେ ଯାଇଥିଲେ।

କିନ୍ତୁ ମୋସ୍ତାକିନ ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ଏକ ନିଛାଟିଆ ଚାଷ ଜମିକୁ ନେଇଥିଲେ। ସେଠାରେ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବାବେଳେ ସେ ଜୋରରେ ଚିତ୍କାର କରିବାରୁ ମୋସ୍ତାକିନ ତାଙ୍କୁ ମାରି ଦେଇଥିବା ସ୍ୱୀକାର କରିଛି। ଏଥିସହ ମୃତଦେହକୁ ନିକଟସ୍ଥ ଏକ କେନାଲକୁ ଫିଙ୍ଗି ଦେଇଥିବା ମାନିଛି। ପ୍ରକାଶ ଥାଉକି, ବେଙ୍ଗଲର ଦକ୍ଷିଣ ୨୪ ପରାଗଣର ମହିଷାମାରି ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ଛାତ୍ରୀ ଜଣକ ଟ୍ୟୁସନ ଯାଇଥିଲେ। କିନ୍ତୁ ନ ଫେରିବାରୁ ପରିବାର ଲୋକେ ନିଖୋଜ ମାମଲା ଦାଖଲ କରିଥିଲେ। ପୁଲିସ ଖୋଜାଖୋଜି କରୁଥିବା ବେଳେ ଏକ ପଡ଼ିଆ ନିକଟରୁ ମୃତଦେହ ମିଳିଥିଲା। କେହି ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ପୁଲିସ ମୋସ୍ତାକିନ ସରଦାରକୁ ଗିରଫ କରି ପଚରା ଉଚରା କରୁଥିବାବେଳେ ସେ ସତ ମାନିଛି। ସେପଟେ, ଘଟଣାକୁ ନେଇ ବିଜେପି ଟିଏମସିର ମମତା ବାନାର୍ଜୀ ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଯାଇଛି, ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବିଜେପି ଅଭିଯୋଗ କରିଛି।

# ମଞ୍ଚ ଉପରେ ରାମଙ୍କୁ ହାର୍ଟଆଟାକ୍

**ନୂଆଦିଲ୍ଲୀ, ୬।୧୦:** ମଞ୍ଚସ୍ଥ ହେଉଥିଲା ରାମାୟଣ। ମଞ୍ଚ ଉପରେ ଠିଆ ହୋଇ ଡାଏଲଗ କହୁଥିଲେ 'ରାମ'। ହେଲେ ଅଧରେ ଅଟକି ଗଲେ। ଦେଖୁ ଦେଖୁ ହଠାତ୍ ସେ ଟଳି ପଡିଲେ। ହାର୍ଟ ଆଟାକ୍‌ରେ ଚାଲିଗଲା ତାଙ୍କ ପ୍ରାଣ। ଏଭଳି କିଛି ଘଟଣା ଘଟିଛି ଦିଲ୍ଲୀରେ। ଦିଲ୍ଲୀର ଶାହାଦରା ଅଞ୍ଚଳର ବିଶ୍ୱକର୍ମା ନାଗରରେ ରାମଲୀଲା ଚାଲିଥିଲା। ଏହି ସମୟରେ ରାମ ଭୂମିକାରେ ଅଭିନୟ କରୁଥିବା ଜଣେ ଅଭିନେତା ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଏହି ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଯାହା ଭାଇରାଲ ହେବାରେ ଲାଗିଛି। ମୃତ ଅଭିନେତା ଜଣକ ହେଲେ ସୁଶୀଲ କୌଶିକ। ଭିଡିଓରେ ଦେଖିବାକୁ ମିଳିଛି ଯେ, ୪୫ ବର୍ଷୀୟ ସୁଶୀଲ କୌଶିକ ମଞ୍ଚରେ ରାମ ଭୂମିକାରେ ଅଭିନୟ କରୁଛନ୍ତି। ଡାଏଲଗଗୁଡିକ ମଧ୍ୟ ସଠିକ୍ ଭାବରେ କହୁଛନ୍ତି। ଏହି ସମୟରେ ତାଙ୍କ ସହିତ ମଞ୍ଚରେ ଅନ୍ୟ କଳାକାରମାନେ ମଧ୍ୟ ଉପସ୍ଥିତ ଅଛନ୍ତି। ଏତିକି ବେଳେ ହଠାତ୍ ସୁଶୀଲ ନିଜ ଛାତିରେ ହାତ ରଖି ମଞ୍ଚ ପଛପଟକୁ ଯାଉଥିବାର ନଜର ଆସିଛନ୍ତି। ପୁଲିସ ସୂଚନା ମୁତାବକ, ସୁଶୀଲଙ୍କୁ ମଞ୍ଚ ଉପରେ ହୃଦ୍‌ଘାତ ହୋଇଥିଲା। ଛାତିରେ ଯନ୍ତ୍ରଣା ହେବା ପରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୁଶୀଲ ବିଶ୍ୱକର୍ମା ନଗର ଅଞ୍ଚଳର ବାସିନ୍ଦା। ସେ ପେଶାରେ ଜଣେ ପ୍ରପର୍ଟି ଡିଲର ଥିଲେ। ସେ ଭଗବନା ରାମଙ୍କ ଜଣେ ବଡ଼ ଭକ୍ତ ମଧ୍ୟ ଥିଲେ। ଏହି ଘଟଣା ପରେ ପୂରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



# ୧୮୧୪ କୋଟିର ଡ୍ରଗ୍ସ ଜବତ

**ଭୋପାଳ, ୬।୧୦:** ଭୋପାଳ ନିକଟ ଏକ କାରଖାନାରୁ ୧୮୧୪ କୋଟି ଟଙ୍କାର ନିଶା ସାମଗ୍ରୀ ଜବତ ହୋଇଛି। ଗୁଜରାଟର ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ (ଏଟିଏସ) ଏବଂ ଦିଲ୍ଲୀରୁ ଆସିଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ପକ୍ଷରୁ ଭୋପାଳ ନିକଟସ୍ଥ ଏକ କାରଖାନା ଉପରେ ଚଢ଼ଉ କରାଯାଇ ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ଡ୍ରଗ୍ସ ଏମଡି ଡ୍ରଗ୍ସ ବୋଲି ଜଣାପଡ଼ିଛି। ଏହା ସିନ୍ଥେଟିକ କାରଖାନାରେ ପ୍ରସ୍ତୁତ ହୋଇଛି। ସପ୍ତାହକ ତଳେ ଦିଲ୍ଲୀରୁ ୨୦ହଜାର କୋଟି ଟଙ୍କାର କୋକେନ ଏବଂ ଅନ୍ୟ ନିଶା ସାମଗ୍ରୀ ଜବତ ହୋଇଥିଲା।

# ୱେଟର୍ ଚାକିରି ପାଇଁ ଲମ୍ବା ଧାଡ଼ି



**ଓଟାୱା, ୬।୧୦:** ଭାରତରେ ନିଯୁକ୍ତି ସମସ୍ୟା ଚରମରେ ପହଞ୍ଚିଛି। ନିଯୁକ୍ତିର ନିଅଣ୍ଟିଆ ପରିସ୍ଥିତିକୁ ନେଇ ତର୍କ-ବିତର୍କ ଚାଲି ଥିବାବେଳେ କାନାଡ଼ାରୁ ଆସିଛି ଚିନ୍ତାଜନକ ଚିତ୍ର। ହଜାର ହଜାର ଭାରତୀୟ ଛାତ୍ର ସେଠାରେ ୱେଟର ଚାକିରି ପାଇଁ ଧାଡ଼ିରେ ଛିଡା ହୋଇଥିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ଭାଇରାଲ୍ ଭିଡିଓ ଅନୁସାରେ, ଏହି ଦୃଶ୍ୟ କାନାଡାର ବ୍ରମ୍ପଟନ୍ ସ୍ଥିତ ତନ୍ଦୁରି ଫ୍ଲେମ୍ ରେଷ୍ଟୁରାଣ୍ଟ ବାହାରର। ଏଠାରେ ପ୍ରାୟ ୩ ହଜାରରୁ ଅଧିକ ଛାତ୍ର ଚାକିରି ପାଇଁ ଲାଇନରେ ଛିଡ଼ା ହୋଇଛନ୍ତି। ତାହା ପୁଣି ମ୍ୟାନେଜର କି ଅନ୍ୟ କୌଣସି ବଡ଼ ପଦବୀ ପାଇଁ ନୁହେଁ, ବରଂ ୱେଟର୍ ପାଇଁ। ୱେଟର୍ ବା ସର୍ଭର୍ (ଗ୍ରାହକଙ୍କୁ ଖାଦ୍ୟ ପରଷୁଥିବା ବ୍ୟକ୍ତି) ପଦବୀ ପାଇଁ ଏହି ନିଯୁକ୍ତି ଚାଲିଥିଲା। ଇଣ୍ଟର୍ଭ୍ୟୁ ପାଇଁ ଏତେ ସଂଖ୍ୟକ ଭାରତୀୟ ଛାତ୍ର ଧାଡ଼ିରେ ଛିଡ଼ା ହୋଇଥିବା ଏକ ସୋଶାଲ ମିଡିଆ ପୋଷ୍ଟରେ ଦାବି କରାଯାଇଛି। ଏହି ପୋଷ୍ଟ ପରେ ନେଟିଜେନ୍ସ ଭାରତରେ ନିଯୁକ୍ତି ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଯୁବପିଢ଼ିଙ୍କୁ ନିଯୁକ୍ତି ମିଳୁନଥିବାରୁ ସେମାନେ ବାହାର ଦେଶରେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

# ତିରୁପତି ପ୍ରସାଦରୁ ବାହାରିଲା ପୋକ !

**ବିଜୟୱାଡ଼ା, ୬।୧୦:** ତିରୁପତି ତିରୁମାଲା ମନ୍ଦିରର ପ୍ରସାଦକୁ ନେଇ ଥମୁନି ବିବାଦ। ଏଠାରେ ଲଡ୍ଡୁରେ ଅପମିଶ୍ରିତ ଘିଅ ଓ ପଶୁ ଚର୍ବି ମିଶା ଯାଉଥିବା ନେଇ ବିବାଦ ଥମି ନଥିବା ବେଳେ ଏବେ ଏହାର ପ୍ରସାଦରୁ ବାହାରିଛି ପୋକ। ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ଭକ୍ତ। ତେବେ ଏହି ଅଭିଯୋଗକୁ ତିରୁମାଲା ତିରୁପତି ଦେବସ୍ଥାନମ ଖଣ୍ଡନ କରିଛି।

ପ୍ରକୃତରେ ଏହି ଘଟଣା ହେଉଛି ଅକ୍ଟୋବର ୨ ତାରିଖ ତଥା ବୁଧବାରର। ଚନ୍ଦୁ ନାମକ ଜଣେ ଭକ୍ତ ଓ୍ୱାରଙ୍ଗଲାରୁ ତିରୁମାମଲା ମନ୍ଦିରକୁ ଭେଙ୍କେଟେଶ୍ୱର ସ୍ୱାମୀଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ମନ୍ଦିର ଭିତରେ ଲଣ୍ଡା ହେବା ପରେ ପ୍ରସାଦ ସେବନ କରିବାକୁ ଯାଇଥିଲେ। ତେବେ ପ୍ରସାଦ ଖାଇବା ବେଳେ ସେଥିରେ ଏକ ପୋକ ଚାଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ କହିଥିଲି। କିନ୍ତୁ ସେମାନଙ୍କ ଯାହା ପ୍ରତିକ୍ରିୟା ରଖିଥିଲେ ତାହା ପୋକଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଥିଲା ବୋଲି ଭକ୍ତଜଣକ କହିଛନ୍ତି। ସେମାନେ କହିଥିଲେ ଯେ, ବେଳେବେଳେ ଏଭଳି ଘଟେ।



ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଭକ୍ତ ଜଣଙ୍କ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏଥିସହ ଏଥିରୁ ଟିଟିଡି କର୍ତ୍ତୃପକ୍ଷଙ୍କ ଘୋର ଅବହେଳା ପଦାରେ ପଡିଛି। ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏହି ପୂରା ଘଟଣାର ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେପଟେ ପ୍ରସାଦ ସେବନ ପାଇଁ ବ୍ୟବହୃତ କଦଳୀ ପତ୍ରରୁ ଏହି ପୋକ ଆସିଥାଇପାରେ ବୋଲି ମନ୍ଦିର ଅଧିକାରୀମାନେ କହିଛନ୍ତି।

ତେବେ ଏହି ଅବହେଳା ଗ୍ରହଣୀୟ ନୁହେଁ। ଯଦି ପିଲାମାନେ କିମ୍ବା ଅନ୍ୟମାନେ ଏହି ଦୂଷିତ ଖାଦ୍ୟ ଖାଇ ଅସୁବିଧାରେ ପଡ଼ନ୍ତି ଏଥିପାଇଁ କିଏ ଦାୟୀ ରହିବେ ବୋଲି ଭକ୍ତ ଜଣକ ପ୍ରଶ୍ନ କରିଛନ୍ତି।ଏହି ଘଟଣା ସାମ୍ନାକୁ ଆସିବା ପରେ ମନ୍ଦିର କର୍ମଚାରୀମାନେ ସେମାନଙ୍କୁ ଅପମାନିତ ଓ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ବୋଲି ଭକ୍ତ ଚନ୍ଦୁ ଅଭିଯୋଗ କରିଛନ୍ତି। ସେପଟେ ପ୍ରସାଦରେ ପୋକ ଥିବା ଅଭିଯୋଗକୁ ଭିତ୍ତିହୀନ ଏବଂ ମିଥ୍ୟା ବୋଲି କହି ଟିଟିଡି ଦୃଢ଼ ଭାବେ ଏହାକୁ ଖଣ୍ଡନ କରିଛି। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ଫ୍ରେସ୍ ପ୍ରସାଦ ପ୍ରସ୍ତୁତ କରାଯାଇଥାଏ। ପ୍ରସାଦରେ ପୋକ୍ ପଡ଼ିବା ଅସମ୍ଭବ ନୁହେଁ ବୋଲି ତିରୁମାଲା ତିରୁପତି ଦେବସ୍ଥାନମ କହିଛି।

## ଟି-୨୦ ମହିଳା ବିଶ୍ୱକପ

# ପାକିସ୍ତାନ ବିରୋଧରେ ଭାରତର ଜବରଦସ୍ତ ବିଜୟ



**ଦୁବାଇ, ୬।୧୦:** ଦୁବାଇ ଇର୍ଟରନାସନାଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଟି୨୦ ମହିଳା ବିଶ୍ୱକପ କ୍ରିକେଟରେ ଭାରତ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ହରାଇ ବିଜୟଧାରାକୁ ଫେରିଛି। ପ୍ରଥମ ମ୍ୟାଚରେ ଟିମ ଇଣ୍ଡିଆ ନ୍ୟୁଜିଲାଣ୍ଡଠାରୁ ପରାଜିତ ହୋଇଥିଲା। କିନ୍ତୁ ରବିବାର ମ୍ୟାଚରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ବିନିମୟରେ ୧୦୫ ରନ କରିଥିଲା । ନିଦା ଦର ୨୮, ମୁନୀବ ଅଲୀ ୧୭, ଫାତିମା ସାନା ୧୩ ଓ ସୟେଦ ଅରୁବ ଶାହ ୧୪ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ୩ଟି ଏବଂ ଶ୍ରେୟାଙ୍କ ପାଟିଲ ୨ଟି ୱିକେଟ ନେଇଥିଲେ। ଜବାବରେ ଭାରତ ଆରମ୍ଭରୁ ଧୀମା ବ୍ୟାଟିଂ କରିବା ଫଳରେ ପାକିସ୍ତାନ ବୋଲର ଲୟକୁ ଫେରିଥିଲେ। 'କର ବା ମର' ସ୍ଥିତିରେ ଥିବା ଏହି ମ୍ୟାଚକୁ ସହଜରେ ଜିତି ସମ୍ମାନ ରକ୍ଷା କରିଛନ୍ତି ମହିଳା ବ୍ରିଗେଡ୍। ଶେଫାଳୀ ବର୍ମା ୩୨ ଓ ଜେମିମା ରୋଡ୍ରିଗ୍ୟୁଜ ୨୩ ରନ

**ପାକିସ୍ତାନକୁ ଘାଇଲା କଲେ ଭାରତୀୟ ବୋଲର୍**

କରି ଆଉଟ ହୋଇଥିଲେ। ଏହା ପରେ ଅଧିନାୟିକା ହରମନପ୍ରୀତ କୌର ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ୨୯ ରନ କରିଥିବା ବେଳେ ରିଟାୟରହର୍ଟ ହୋଇଥିଲେ । ଅବଶ୍ୟ ସେତେବେଳକୁ ଭାରତକୁ ୮ଟି ବଲରୁ ୨ ରନ ଆବଶ୍ୟକ ହେଉଥିଲା । ସଜୀବନ ସଜନା ପ୍ରଥମ ବଲରେ ଚୌକା ମାରି ଦଳକୁ ବିଜୟୀ କରାଇଥିଲେ। ଦୀପ୍ତି ଶର୍ମା ୭ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ଫାତିମା ସାନା ୨ଟି ୱିକେଟ ନେଇଥିଲେ। ଅରୁନ୍ଧତିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।



# ପ୍ରଥମ ଟି୨୦ ହାରିଲା ବାଂଲାଦେଶ ୧-୦ ଲିଡ୍‌ରେ ଭାରତ

**ଗ୍ୱାଲିୟର, ୬।୧୦:** ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଜିତିଲା ଭାରତ । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରଥମ ମ୍ୟାଚ୍ ଜିତି ସିରିଜ୍‌ରେ ୧-୦ଲିଡ୍ ନେଇଛି ଘରୋଇ ଦଳ । ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେବଳ ୧୨୭ ରନରେ ସମସ୍ତ ୱିକେଟ ହରାଇଥିଲା ବାଂଲାଦେଶ । ଜବାବାରେ ୧୨୮ ରନର ଟାର୍ଗେଟକୁ ୧୧.୫ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଛି ଟିମ୍ ଇଣ୍ଡିଆ।

ଆଜିର ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ହେଲେ ପ୍ରଥମେ ବ୍ୟାଟିଂ ଆହ୍ୱାନ ପାଇଁ ଓହ୍ଲାଇଥିବା ବାଂଲାଦେଶର ଦୁଇ ଓପନର ଭାରତୀୟ ସ୍ପିଡଷ୍ଟାର ଅର୍ଶଦୀପ ସିଂହଙ୍କୁ ସାମ୍ନା କରିପାରି ନ ଥିଲେ। ପ୍ରଥମ ଓଭରରେ ହିଁ ଲିଟନ ଦାସଙ୍କୁ ଆଉଟ୍ କରିଥିଲେ ଅର୍ଶଦୀପ । ଏହାପରେ ନିଜର ଦ୍ୱିତୀୟ ଓଭରରେ ସେ ଅନ୍ୟତମ ବାଂଲାଦେଶୀ ଓପନର ପରଭେଜ ହୋସେନ ଏମନଙ୍କୁ ଆଉଟ୍ କରି ଭାରତକୁ ଦ୍ୱିତୀୟ ବ୍ରେକ୍ ଥ୍ରୁ ଦେଇଥିଲେ । ଗୋଟିଏ ପଟେ ଅଧିନାୟକ ଶାନ୍ତୋ କିଛି ସମୟ ପାଳି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ବ୍ୟାଟିଂ ବିପର୍ଯ୍ୟୟ ମଧ୍ୟରେ ସେ ନିଜେ ମଧ୍ୟ ନିଜ ୱିକେଟ ହରାଇଥିଲେ । ତେବେ ସେ ୨୭ ରନ କରିପାରିଥିଲେ । ଦଳ ପାଇଁ ମେହିଡି ହାସନ ମିରାଜ ସର୍ବାଧିକ ୩୫ ରନର ଅପରାଜିତ ପାଳି ଖେଳିଥିଲେ । ବ୍ୟାଟିଂ ବିପର୍ଯ୍ୟୟ ମଧ୍ୟରେ ଅନ୍ୟ ଛୋଟମୋଟ ଭାଗିଦାରୀ ବଳରେ ଦଳ ୧୯.୫ ଓଭରରେ ୧୨୭ ରନ କରି ସମସ୍ତ ୱିକେଟ୍ ହରାଇଥିଲେ। ବାଂଲାଦେଶ ବିପକ୍ଷରେ ଭାରତୀୟ ବୋଲିଂ ବେଶ ଘାତକ ସବ୍ୟସ୍ତ ହୋଇଥିଲା । ଦଳ ପକ୍ଷରୁ ୩.୫ ଓଭର ବୋଲିଂ କରି କେବଳ ୧୪ରନ ବ୍ୟୟରେ ୩ ୱିକେଟ ନେଇ ସବୁଠାରୁ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ । କେବଳ ୧୨୮ ରନର ଟାର୍ଗେଟ ନେଇ ପ୍ରଥମ ବିଜୟଲକ୍ଷ୍ୟରେ ଓହ୍ଲାଇଥିଲା ଭାରତ । ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଦଳକୁ ବିସ୍ଫୋରକ ଶୈଳୀରେ ଭଲ ଆରମ୍ଭ ମଧ୍ୟ ଦେଇଥିଲେ । ହେଲେ ୭ ବଲରୁ ୨ ଚୌକା ଓ ଗୋଟିଏ ଛକା ବଳରେ ୧୬ ରନ କରିଥିବାବେଳେ ଯୁବ ଓପନର ଅଭିଷେକ ଶର୍ମା ରନ୍ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ । ଏହାପରେ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ଆସି ଚିରାଚରିତ ଢଙ୍ଗରେ ବିସ୍ଫୋରକ ବ୍ୟାଟିଂ କରିଥିଲେ । କେବଳ ୧୪ ବଲରୁ ୨ ଚୌକା ଓ ୩ ଛକା ବଳରେ ୨୯ ରନର ପାଳି ଖେଳି ଅଧିନାୟକ ସୂର୍ଯ୍ୟ ଆଉଟ୍ ହୋଇଥିଲେ ।

# ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୪ ଜିତିବାର ଅନ୍ୟ ଏକ କାରଣ ପନ୍ତ: ରୋହିତ

**ନୂଆଦିଲ୍ଲୀ, ୬।୧୦:** ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୪ର ଫାଇନାଲ ମ୍ୟାଚ୍ ଏବେ ବି ଭାରତୀୟ କ୍ରିକେଟ ପ୍ରେମୀଙ୍କ ମନରେ ତାଜା ଅଛି। ସୂର୍ଯ୍ୟ କୁମାର ଯାଦବଙ୍କ କ୍ୟାଚ୍ ହେଉ ଅବା ଡେଥ୍ ଓଭରରେ ପେସରଙ୍କ ଉଦାହରଣୀୟ ବୋଲିଂ ଅବା ବିରାଟ କୋହଲିଙ୍କ ପ୍ରଶଂସନୀୟ ଅର୍ଦ୍ଧଶତକ- ଏମିତି ଅନେକ କାରଣ ରହିଛି, ଯେଉଁଥିପାଇଁ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ତେବେ ଅଧିନାୟକ ରୋହିତ ଶର୍ମା ଏହି ଐତିହାସିକ ବିଜୟ ପଛରେ ଆଉ ଏକ କାରଣ ଯୋଡ଼ିଛନ୍ତି। କପିଲ ଶର୍ମାଙ୍କ କମେଡି ଶୋ'ରେ ଯୋଗ ଦେବା ଅବସରରେ ରୋହିତ ଶର୍ମା ଏହି କାରଣ ସଂପର୍କରେ କହିଥିଲେ।

ସେ କହିଥିଲେ, ଯେତେବେଳେ ଦକ୍ଷିଣ ଆଫ୍ରିକା ୩୦ ବଲ୍‌ରେ ୩୦ ରନ୍ ଆବଶ୍ୟକ କରୁଥିଲା, ତା' ପୂର୍ବରୁ ଏକ ଛୋଟିଆ ବିରତି ନିଆଯାଇଥିଲା। ସେହି ବିରତି ପାଇବା ପାଇଁ ପନ୍ତ (ଋଷଭ ପନ୍ତ) ମୁଣ୍ଡ ଖଟାଇଥିଲେ। ମ୍ୟାଚ୍ ଦ୍ରୁତଗତିରେ ଆଗେଇ ଚାଲିଥିଲା। ସେହି ସ୍ଥିତିରେ ସମସ୍ତ ବ୍ୟାଟର ଚାହାଁନ୍ତି ଶୀଘ୍ର ଶୀଘ୍ର ବୋଲିଂ ହେଉ। କିନ୍ତୁ ସେତେବେଳେ ଆମେ ଦକ୍ଷିଣ ଆଫ୍ରିକାର ବ୍ୟାଟରମାନଙ୍କ ଲୟ ଭାଙ୍ଗିବାକୁ ଚାହୁଁଥିଲୁ। ମୁଁ ଫିଲ୍ଡ ସେଟ୍ କଲା ବେଳେ ଓ ବୋଲରମାନଙ୍କ ସହିତ ଆଲୋଚନା କଲା ବେଳେ ହଠାତ୍ ଦେଖିଲି ପନ୍ତ ତଳେ ପଡ଼ିଗଲେ। ତା'ପରେ ଫିଜିଓଥେରାପିଷ୍ଟ ଆସିଲେ ଓ ତାଙ୍କ ଆଣ୍ଠୁରେ ଏକ ନି' ଟ୍ୟାପ୍ ଲଗାଇଥିଲେ। କ୍ଲାସେନ୍ ମ୍ୟାଚ୍ ପୁଣି ଥରେ ଆରମ୍ଭ ହେବାକୁ ଅପେକ୍ଷା କରିଥିଲେ। ମୁଁ କହୁ ନାହିଁ



ଯେ ଏହା ଏକମାତ୍ର କାରଣ, କିନ୍ତୁ ଏହା ସେହି କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ପନ୍ତ ସାହାବ ଟିକେ ବୁଦ୍ଧି ପ୍ରୟୋଗ କଲେ ଓ ସ୍ଥିତି ଆମ ସପକ୍ଷରେ ଯାଇଥିଲା। ସେହି ବ୍ରେକ୍ ପରେ ହେନରିଚ କ୍ଲାସେନଙ୍କୁ ଆଉଟ୍ କରି ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଏହା ସହିତ ସ୍ଥିତି ବଦଳି ଯାଇଥିଲା ଓ ମ୍ୟାଚ୍ ପୁଣି ଭାରତ ହାତକୁ ଚାଲି ଯାଇଥିଲା। ଯଦିଓ ସେତେବେଳେ ଡାଭିଡ ମିଲର ଥିଲେ, କିନ୍ତୁ ଶେଷ ୨- ୩ ଓଭରରେ ଦକ୍ଷିଣ ଆଫ୍ରିକା ଉପରେ ଜୋର ଚାପ ପଡ଼ିଥିଲା ଓ ଏଥିରୁ ଭାରତ ଫାଇଦା ନେଇଥିଲା।

ରୋହିତ କହିଥିଲେ, ଯାହା ଚାହୁଁଥିଲୁ, ତାହା ଘଟିଥିଲା। କ୍ଲାସେନଙ୍କୁ ହାର୍ଦ୍ଦିକ ଆଉଟ୍ କରି ଦେଇଥିଲେ। ତା'ପରଠାରୁ ଦକ୍ଷିଣ ଆଫ୍ରିକା ଉପରେ ଚାପ ବଢ଼ି ବଢ଼ି ଚାଲିଲା। ଏହା ପରେ ଟିମ୍‌ର ସମସ୍ତ ସଦସ୍ୟ ଏକାଠି ହୋଇ ସେମାନଙ୍କ ବ୍ୟାଟରମାନଙ୍କ ମନୋବଳ ଭାଙ୍ଗିବାକୁ ସ୍ଲେଜିଂ କରିବା ଆରମ୍ଭ କରିଥିଲେ। ସେ ନେଇ ବିସ୍ତାରିତ ଭାବେ ଏଠାରେ କହି ହେବ ନାହିଁ। କିନ୍ତୁ ଏହା ଆବଶ୍ୟକ ଥିଲା। କାରଣ ଯେକୌଣସି ମୂଲ୍ୟ ଦେଇ ଆମେ ଏହି ମ୍ୟାଚ୍ ଜିତିବା ପାଇଁ ଚାହୁଁଥିଲୁ। ମ୍ୟାଚ୍ ଜିତିବା ପାଇଁ ଆମେ କିଛି ଜୋରିମାନା ଭରିବାକୁ ରାଜି ଥିଲୁ। ସେଥିପାଇଁ ମୁଁ ସାଥୀ ଖେଳାଳିମାନଙ୍କୁ କହିଥିଲି, ସେମାନେ ଯାହା ଭାବୁଛନ୍ତି, ତାହା କୁହନ୍ତୁ। ପରେ ଆମେ ଅମ୍ପାୟାର ଓ ରେଫରୀଙ୍କୁ ସମ୍ଭାଳିବା।

## ସୁନା ଝିଅ ଅବନୀ ଲେଖରା

# ପାରାଲିସିସ୍ ସତ୍ତ୍ୱେ ପ୍ରଥମ ପ୍ରୟାସରେ ଜିତିଲେ ଗୋଲ୍ଡ

**ନୂଆଦିଲ୍ଲୀ, ୬।୧୦:** ଅବନୀ ଲେଖ୍ରା। ୧୨ ବର୍ଷର ହୋଇଥିବାବେଳେ ଏକ ଦୁର୍ଘଟଣାରେ ତାଙ୍କର ପାରାଲିସିସ୍ ହୋଇଯାଏ। ଫଳରେ ତାଙ୍କୁ ହ୍ୱିଲ ଚେୟାରର ସାହାରା ନେବାକୁ ପଡିଲା। ତାଙ୍କର ଦୁନିଆ ପୂରା ବଦଳିଗଲା। ସେ ଭାଙ୍ଗିପଡ଼ିଲେ। ହେଲେ ତାଙ୍କ ବାପା ତାଙ୍କୁ ସାହସ ଦେଲେ। ଆଉ ଖେଳ ଦୁନିଆରେ ପାଦ ଥାପିବାକୁ ପ୍ରୋତ୍ସାହିତ କଲେ। ଏହି ସମୟରେ ଅଭିନବ ବିନ୍ଦ୍ରା ତାଙ୍କର ପ୍ରେରଣା ସାଜିଲେ। ତାଙ୍କ ପରି ସୁଟର୍ ହେବାକୁ ନିଷ୍ପତ୍ତି ନେଲେ। ତେଣୁ ୫ ବର୍ଷ ପର୍ଯ୍ୟନ୍ତ ସେ କଠିନ ପରିଶ୍ରମ କଲେ। ଆଉ ରାଇଫଲ୍ ଶୁଟିଂ କ୍ଷେତ୍ରରେ ନିଜର ପରିଚୟ ତିଆରି କରିବାକୁ ଚେଷ୍ଟା କଲେ। ପ୍ରଥମେ ତ ସେ ରାଜସ୍ଥାନ ଷ୍ଟେଟ ଚାମ୍ପିୟନଶିପରେ ଭାଗ ନେଲେ। ଆଉ



ପ୍ରଥମ ପ୍ରୟାସରେ ହିଁ ଗୋଲ୍ଡ ମେଡାଲ ହାସିଲ କଲେ। ଏହାପରେ ସେ ପଛକୁ ଚାହିଁ ନାହାନ୍ତି। ୨୦୨୦ ଟୋକିଓ ପାରାଅଲିମ୍ପିକ୍‌ରେ ସେ ଗୋଲ୍ଡ ମେଡାଲ ଜିତିଲେ। ଆଉ ପାରା ଅଲିମ୍ପିକ୍ସରେ ଗୋଲ୍ଡ ମେଡାଲ ଜିତିଥିବା ପ୍ରଥମ ଭାରତୀୟ ମହିଳା ପାଲଟିଲେ। ୨୦୨୨ ପାରାଶୁଟିଂ ୱାଲର୍ଡ କପ୍‌ରେ ଗୋଲ୍ଡ ମେଡାଲ ଜିତିଲେ। ୨୦୨୪ ପାରା ଅଲିମ୍ପିକ୍ସରେ ବି ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂଏସ୍‌ଏଚ୍୧ରେ ସ୍ୱର୍ଣ୍ଣ ପଦକ ହାସିଲ କଲେ। ଆଉ ଚଳିତବର୍ଷ ପ୍ୟାରିସ ପାରାଅଲିମ୍ପିକରେ ଗୋଲ୍ଡ ମେଡାଲ ଜିତିଲେ। ଦେଶ ପାଇଁ ଲଗାତାର ସ୍ୱର୍ଣ୍ଣ ପଦକ ଆଣି ଦେଶର ଗୌରବ ବଢାଇଲେ। ତେଣୁ ତାଙ୍କୁ ଖେଳରତ୍ନ ପୁରସ୍କାର, ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

# ଆଇଓଏର ତ୍ରୁଟିପୂର୍ଣ୍ଣ ସ୍ପନଶରଶିପ୍ ଚୁକ୍ତି ଯୋଗୁଁ କ୍ଷତି ହୋଇଛି କୋଟି କୋଟି ଟଙ୍କା

**ନୂଆଦିଲ୍ଲୀ, ୬।୧୦:** ଭାରତୀୟ ଅଲିମ୍ପିକ୍ସ ସଂଘ ରିଲାଏନ୍ସ ସହ ତ୍ରୁଟିପୂର୍ଣ୍ଣ ଚୁକ୍ତି କରି ଘାଟାରେ ପଡିଛି। ସିଏଜି ରିପୋର୍ଟ ଅନୁସାରେ ଆଇଓଏର ୨୪ କୋଟି ଟଙ୍କା ଏହି ଚୁକ୍ତି ବାବଦକୁ କ୍ଷତି ହୋଇଛି। ଆଇଓଏ ୨୦୨୨ରୁ ୨୦୩୦ ପର୍ଯ୍ୟନ୍ତ ରିଲାଏନ୍ସ ସହ ୧୦ଟି ମେଗା ଇଭେଂଟ ପାଇଁ ଚୁକ୍ତି କରିଥିଲା । ଏଥିରେ ୨ଟି ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ( ୨୦୨୪, ୨୦୨୮), ୨ଟି ଏସିଆନ ଗେମ୍ସ(୨୦୨୨, ୨୦୨୬) ଓ ୨ଟି ୱିଂଟର ଅଲିମ୍ପିକ୍ସ(୨୦୨୬, ୨୦୩୦) ସାମିଲ । ସିଏଜି ମୁତାବକ ଏହି ଚୁକ୍ତି ବାବଦକୁ ଆଇଓଏକୁ ୫୯ କୋଟି ଟଙ୍କା ବଦଳରେ ୩୫ କୋଟି ଟଙ୍କା ମିଳିଛି। ଅକ୍ଟୋବର ୮ରେ ଆଇଓଏର ଅଧ୍ୟକ୍ଷ ପିଟି ଉଷା ଏ



ସମ୍ପର୍କରେ ଆସିଥିବା ଅଭିଯୋଗର ଜବାବ ରଖିବେ । ଆଇଓଏ ପ୍ରତ୍ୟେକ ଇଭେଂଟ ପାଇଁ ପାଖାପାଖି ୬ କୋଟି ଟଙ୍କାର ଚୁକ୍ତି ରିଲାଏନ୍ସ ସହ କରିଥିଲା। ୨୦୨୩ରେ ଆଉ ଅତିରିକ୍ତ ୪ଟି ଇଭେଂଟ ପାଇଁ ଚୁକ୍ତି କରାଯାଇଥିଲେ ମଧ୍ୟ ଏ ବାବଦକୁ ଅତିରିକ୍ତ ଅର୍ଥ ଯାହାର ଆନୁମାନିକ ମୂଲ୍ୟ ୨୪ କୋଟି ଟଙ୍କା ହେବ ଦିଆଯାଇନି। ଆଇଓଏ ଅଧିକାରୀ ଅଜୟ କୁମାର ନାରଙ୍ଗଙ୍କ ଅନୁସାରେ ଟେଣ୍ଡରରେ ସାମାନ୍ୟ ତ୍ରୁଟି ଯୋଗୁ ଚୁକ୍ତିକୁ ପୂନର୍ବାର କରାଯାଇଥିଲା। ସେହିପରି ପ୍ରତ୍ୟେକ ଇଭେଂଟ ପାଇଁ ୬ କୋଟି ଧାର୍ଯ୍ୟ କରାଯାଇ ନଥିଲା । ଇଭେଂଟର ଚାହିଦା ଉପରେ ଏହାକୁ ନିର୍ଦ୍ଧାରିତ କରାଯାଏ ।

# ୧୮ କୋଟି ପାଇଁ ଯୋଗ୍ୟ ନୁହଁନ୍ତି ପାଣ୍ଡ୍ୟା

**ନୂଆଦିଲ୍ଲୀ, ୬।୧୦:** କ୍ରିକେଟର ଗୁଡ୍ ବଏ ପ୍ରେମରେ କିନ୍ତୁ ବ୍ୟାଡ୍ ବଏ। ପୁଣି ଚର୍ଚ୍ଚାରେ ଟିମ୍ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। କେତେବେଳେ କ୍ରିକେଟକୁ ନେଇ ତ ଆଉ କେତେବେଳେ ନିଜର ବ୍ୟକ୍ତିଗତ ଲାଇଫ୍ ଲାଇନକୁ ନେଇ ବେଶ ଚର୍ଚ୍ଚାରେଥାନ୍ତି ହାର୍ଦ୍ଦିକ। ଏଥର କିନ୍ତୁ ହାର୍ଦ୍ଦିକଙ୍କୁକାଉଣ୍ଟର କରିଛନ୍ତି ଜଣେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଟମ୍ ମୁଡିଙ୍କ ଚକିତ କଳାଭଳି ବୟାନ । ସେ କହିଛନ୍ତି ଆପଣମାନଙ୍କୁ କଣ ଲାଗୁଛି ପାଣ୍ଡ୍ୟାଙ୍କୁ କଣ ୧୮ କୋଟି ମିଳିବା ଉଚିତ୍ କି ,ସେ ଅନେକ ସମୟରେ



ଗୁରୁତର ଆହତ ସମସ୍ୟା ଦେଇ ଗତି କରୁଛନ୍ତି,ଏତେ କୋଟି ଟଙ୍କା ଖର୍ଚ୍ଚ କଲେ ଜଣେ ଭଲ ମ୍ୟାଚ୍ ବିଜେତା ଖେଳାଳି କିଣାଯାଇପାରିବ। ୧୮କୋଟି ଟଙ୍କାରେ ଦୁଇ ଖେଳାଳି,୧୪ କୋଟି ଟଙ୍କାରେ ମଧ୍ୟ ଦୁଇ ଖେଳାଳି କିଣାଯାଇ ପାରିବ,ମୋତେ ଲାଗୁଛି ବୁମରା ଏବଂ ସୂର୍ଯ୍ୟ କୁମାରଙ୍କୁ ମଧ୍ୟ ୧୮ କୋଟି ଲେଖାଏଁ ଦିଆଯିବା ଉଚିତ୍। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୨୦୨୪ ଠିକ୍ ପୂର୍ବରୁ ରୋହିତ ଶର୍ମାକୁ ଅଧିନାୟକ ପଦରୁ ହଟାଯାଇ ତାଙ୍କ ସ୍ଥାନରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା,ଫଳରେ ଆଇପିଏଲରେ ଅନେକ ବିବାଦ ମଧ୍ୟ ଦେଖାଦେଇଥିଲା ପାଣ୍ଡ୍ୟାଙ୍କୁ ନେଇ,ସେ ମଧ୍ୟ ନିରାଶଜନକ ପ୍ରଦର୍ଶନ କରିଥିଲେ ଏଥିସହ ଆଇପିଏଲରେ ମୁମ୍ବାଇ ମଧ୍ୟ ଛାପଛାଡିପାରିନଥିଲା,ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲରେ ୧୩୭ ମ୍ୟାଚ ଖେଳି ୨୫୨୫ ରନ୍ କରିଛନ୍ତି। ଏଥିରେ ୧୦ଟି ଅର୍ଦ୍ଧଶତକ ସାମିଲ୍ ହେବା ସହ ୬୪ ୱିକେଟ୍ ମଧ୍ୟ ରହିଛି । ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଟମ୍ ମୁଡିଙ୍କ ଏ ବୟାନ ଅନେକ କ୍ରିକେଟର ନାପସନ୍ଦ କରିଛନ୍ତି । ଏଥର ଆଇପିଏଲରେ କେମିତି ପାଣ୍ଡ୍ୟା ପ୍ରଦର୍ଶନ କରୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଷ୍ଟ୍ରାଟେଜୀରେ...

ସଂଗ୍ରହ କରିବା ଆଦି ଘଟଣାରେ ବ୍ୟାପକ ସରକାରୀ ଅର୍ଥର ଅପବ୍ୟୟ ହୋଇଥିବା ଅଭିଯୋଗ ହେଉଛି। ୫-ଟିରେ ନିର୍ମାଣ ହୋଇଥିବା ସ୍କୁଲ କାନ୍ଥରୁ ପ୍ଲାଷ୍ଟର ଖସିଲାଣି । ବିନା କାମରେ ଅନେକ ସ୍ଥାନରେ ଟଙ୍କା ଚଳୁ ହୋଇଛି। ମନଇଚ୍ଛା କାମ ବାଣ୍ଟି ଦିଆଯାଇଛି। ତାମିଲନାଡୁର ସଂସ୍ଥାମାନେ ରାଜ୍ୟରେ କିଭଳି ନିଯୁକ୍ତି ପାଇଁ ପରୀକ୍ଷା ଚଳାଇଛନ୍ତି ତାହା ଏବେ ସବୁଦିନ ଗଣମାଧ୍ୟମରେ ପ୍ରସାରିତ ହେଉଛି। ରାସ୍ତାରେ ଝାଡୁ ମାରିବା କାମ ବି ତାମିଲନାଡୁ ସଂସ୍ଥା ନେଇଯାଇଛନ୍ତି। ୨୫ ବର୍ଷର ସରକାର ସମୟରେ ଗୋଟିଏ ହେଲେ ନଦୀବନ୍ଧ ହୋଇପାରିଲା ନାହିଁ । ବରଂ ଛତିଶଗଡ ସେହି ସମୟରେ ଏକାଧିକ ବନ୍ଧବାନ୍ଧି ଓଡ଼ିଶାର ନଦୀନାଳକୁ ଶୁଖାଇଲା। ଆନ୍ଧ୍ର କୋଟିଆରେ ଅନୁପ୍ରବେଶ କରିବା ସହିତ ପୋଲାଭରମ ଭଳି ପ୍ରକଳ୍ପ ପ୍ରତିଷ୍ଠା କରିବାରେ ସଫଳ ହୋଇଛି ।

ଅପରାଗତ ଓ ଦୁର୍ନୀତିର ପାହାଡ ଉପରେ ଛିଡା ହୋଇଥିବା ବିଜେଡି ସରକାର ସମୟରେ ଅଣଓଡିଆ ଅଫିସରଙ୍କ ପ୍ରାର୍ଦୁଭାବରେ ଅତିଷ୍ଠ ଓଡ଼ିଶାବାସୀ ବିଜେଡିକୁ କ୍ଷମତାଚ୍ୟୁତ କଲେ । ବିଜେପିକୁ କ୍ଷମତାକୁ ଆଣିଲେ । ନୂଆ ସରକାର କ୍ଷମତାକୁ ଆସିଥିବାବେଳେ ଲୋକେ ସର୍ତକତାର ସହ ସରକାରଙ୍କୁ ପରଖୁଛନ୍ତି । ସୁଭଦ୍ରାର ସଫଳତାକୁ ନେଇ ନୂଆ ସରକାର ଆଗକୁ ବଢୁଛି ଏବଂ ଲୋକେ ସରକାରଙ୍କ ଉପରେ ଧିରେ ଧିରେ ଆସ୍ଥାପ୍ରକଟ କରୁଥିବାବେଳେ ବିଜେଡି ଏବେ କ୍ଷମତା ବାହାରେ ଥାଇ ପାଣି ବିନା ମାଛ ଛଟପଟ ହେଲାଭଳି ନୂଆ ସରକାରର ଦୁର୍ବଳତା ଖୋଜୁଛି।

ବିଜେଡିର କିଛି ନେତାଙ୍କ କହିବାକଥା ଯେ ଅନେକ ନେତାଙ୍କ ଅନିଚ୍ଛା ସତ୍ତ୍ୱେ ଏଭଳି କାର୍ଯ୍ୟକ୍ରମ ହୋଇଛି । ନବୀନଙ୍କୁ ଖୁସି କରିବାପାଇଁ ଏବେ ପ୍ରସନ୍ନ ଭଳି ନେତାଙ୍କୁ ଆଗକୁ ଛାଡି ଦଳ ଲୋକହସାର ଯୋଜନା କରିଛି । ବିଜେଡି ନେତାମାନେ ଲୋକଙ୍କ ପାଖକୁ ଯାଇ କ'ଣ କହିବେ ତାହା ଜାଣିପାରୁ ନଥିବାବେଳେ ଏସବୁ କୁଆଡେ ନବୀନଙ୍କୁ ଖୁସି କରିବାପାଇଁ ସନ୍ୟାସୀଙ୍କ ଯୋଜନା ବୋଲି କହୁଛନ୍ତି । ତେବେ ବିଜେଡିର ଏଭଳି କାର୍ଯ୍ୟକ୍ରମ ବିଜେପିକୁ ଅଧିକ ସଚେତନ କରିବା ସହିତ ସେମାନଙ୍କୁ ସରକାର ଚଳାଇବାରେ ଅଧିକ ମନଯୋଗୀ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

### ବ୍ଲାକ୍‌ଲିଷ୍ଟ ...

ପରୀକ୍ଷା ପରିଚାଳନା ପାଇଁ ଏଡିକୁଇଟି, ସତଭତ ଇନଫୋସଲ ଓ ସିଙ୍ଫି ଭଳି ଘରୋଇ କମ୍ପାନୀଙ୍କୁ ଓକାକ୍ ଦେଇଥିଲା ସ୍ୱୀକୃତି। ଅଭିଯୋଗ ଅନୁସାରେ ସ୍ୱୀକୃତି ପଛରେ ଥିଲେ ମନୋଜ ମିଶ୍ର ଓ ମାନସ ପଣ୍ଡା।

ତେବେ ଜାତୀୟ ଗଣ ମାଧ୍ୟମରେ ବିଭିନ୍ନ ସମୟରେ ପ୍ରକାଶ ପାଇଥିବା ଖବର ଅନୁଯାୟୀ ପରୀକ୍ଷା ପରିଚାଳନାରେ ଘୋଟାଲା କରିଥିବା ଏହି କମ୍ପାନୀଙ୍କୁ ଅନ୍ୟ ରାଜ୍ୟରେ ବ୍ଲାକ ଲିଷ୍ଟେଡ କରାଯାଇଛି। ହେଲେ ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ ପରୀକ୍ଷା ପରିଚାଳନା ପାଇଁ ଏହି ବ୍ଲାକ ଲିଷ୍ଟେଡ କମ୍ପାନୀ ଗୁଡ଼ିକୁ ଓକାକ୍ ଦେଇଛି ସ୍ୱୀକୃତି। ବଡ଼ ପ୍ରଶ୍ନ କେଉଁ ଆଧାରରେ ଓକାକ୍ ବ୍ଲାକ ଲିଷ୍ଟେଡ୍ କଂପାନୀଙ୍କୁ ଦେଲା ପରିଚାଳନା ଦାୟିତ୍ୱ, କାହିଁକି ବିଜେଡି ସରକାର ସମୟରେ ପୂର୍ବତନ ଚେୟାରମ୍ୟାନ ଓ ମନୋଜଙ୍କ ଖାସ୍ ତଥା ଏବେର ଏମଡି ମାନସ ପଣ୍ଡା ବ୍ଲାକ୍ ଲିଷ୍ଟେଡ୍ କଂପାନୀଙ୍କ ସ୍ୱୀକୃତିକୁ ପ୍ରତ୍ୟାହାର କଲେନାହିଁ।

ସେପଟେ ସାରା ରାଜ୍ୟରେ ଆଶାୟୀ ପ୍ରାର୍ଥୀଙ୍କ ମନରେ ଜଳୁଛି ଅସନ୍ତୋଷର ନିଆଁ। ଆର ଆଇ, ଏ ଆର ଆଇ ଓ ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ନେଇ ମଧ୍ୟ ଅଭିଯୋଗ ଆସୁଛି। ପୂର୍ବ ସରକାରରେ ଏହି ବ୍ଲାକ ଲିଷ୍ଟେଡ କମ୍ପାନୀ ମାଧ୍ୟମରେ ଚାକିରୀ ବିକ୍ରି କରାଯାଇଥିବା ଅଭିଯୋଗ ଆସିଥିଲା। ହେଲେ ଏହି ବ୍ଲାକ ଲିଷ୍ଟେଡ୍ ଘରୋଇ କମ୍ପାନୀ ଗୁଡ଼ିକ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ନେଇ ନଥିଲେ ପୂର୍ବ ସରକାର। ଏବେ ବଡ଼ ପ୍ରଶ୍ନ ପରୀକ୍ଷା କେଳେଙ୍କାରୀରେ କିଏ କିଏ ସଂପୃକ୍ତ, ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ସହ ପୁନଶ୍ଚ ପରୀକ୍ଷା ଦାବି କରିଛନ୍ତି ଛାତ୍ରଛାତ୍ରୀ। ତା ସହ ସିଙ୍ଫି ଭଳି ବ୍ଲାକ ଲିଷ୍ଟେଡ କମ୍ପାନୀ ଆୟୋଜିତ କରିଥିବା ସମସ୍ତ ପରୀକ୍ଷାକୁ ସରକାର ବାତିଲ କରନ୍ତୁ ବୋଲି ଚାକିରୀ ଆଶାୟୀ ପ୍ରାର୍ଥୀମାନେ ଦାବି କରିଛନ୍ତି।

### ପିଛା ଛାଡୁନି...

ପ୍ରଶ୍ନପତ୍ର ଆମ ଆଗରେ ଖୋଲାଯିବା କଥା। ମାତ୍ର ସେମାନେ ଦେଢ଼ ଘଣ୍ଟା ଆଗରୁ ସିଲ୍ କାଟି ହଲ୍‌କୁ ଆଣିଥିଲେ। ଏହା ସମ୍ପୂର୍ଣ୍ଣ ନିୟମ ବହିର୍ଭୂତ କାମ। ତେଣୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ସନ୍ଦେହ କରୁଛୁ।

ମାତ୍ର କଲେଜ ସୁପରିଣ୍ଟେଣ୍ଡେଣ୍ଟ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଯେଉଁ ସମୟରେ ପ୍ରଶ୍ନପତ୍ର ଖୋଲାଯିବା କଥା ସେ ସମୟରେ ଖୋଲାଯାଇଥିଲା। ପ୍ରଶ୍ନପତ୍ରରେ ସିଲ୍ ରହିଛି। ମାତ୍ର ସମ୍ପୃକ୍ତ ଛାତ୍ରଜଣକ ମିଥ୍ୟା ଅଭିଯୋଗ କରିଛନ୍ତି। ତାଙ୍କୁ ଅଟକ ରଖାଯାଇନି କି ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇନି।

### ଧନୁ ତୀର...

ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ବରିଷ୍ଠ ନେତାଙ୍କୁ ନେଇ ପ୍ରଚାର ଚଳାଇଛି। ଜେଏମଏମକୁ କ୍ଷମତାରୁ ହଟାଇ ଶାସନକୁ ଫେରିବାକୁ ଉଦ୍ୟମ କରୁଛି। କିନ୍ତୁ ଓଡ଼ିଶାରେ ପ୍ରଥମ ଥର ପାଇଁ ବିରୋଧୀ ଦଳ ଆସନରେ ବସିଥିବା ବିଜେଡି, ବିଜେପିକୁ କାଉଣ୍ଟର କରିବା ପାଇଁ ଜେଏମଏମକୁ ସହଯୋଗ କରିବାକୁ ଯୋଜନା କରୁଥିବା କୁହାଯାଉଛି। ଚର୍ଚ୍ଚା ଯଦି ସତ ହୁଏ ତାହେଲେ, ଝାଡଖଣ୍ଡରେ ଦେଖିବାକୁ ମିଳିବ ଏକ ରୋଚକ ଲଢ଼େଇ।

୮୧ ଆସନ ବିଶିଷ୍ଟ ଝାଡଖଣ୍ଡ ବିଧାନସଭା ଆସନରୁ ୧୮ଟି ବିଧାନସଭା କ୍ଷେତ୍ରର ଦାୟିତ୍ୱ ଓଡ଼ିଶା ବିଜେପି ନେତାଙ୍କୁ ଦିଆଯାଇଛି। ଗୋଟିଏ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ଜଣ ବରିଷ୍ଠ ନେତା ସିଧାସଳଖ ନିର୍ବାଚନ ପରିଚାଳନା କରିବେ।

### ଦିଲ୍ଲୀ ଗଲେ...

ମୁଖ୍ୟମନ୍ତ୍ରୀଙ୍କ ସହ ଶେଷ ଥର ସମୀକ୍ଷା ବୈଠକ କରିଥିଲେ। ମୋଦି ସରକାରଙ୍କ ରଣନୀତି ଯୋଗୁଁ ବାମପନ୍ଥୀ ଉଗ୍ରବାଦ ୭୨ ପ୍ରତିଶତ ହ୍ରାସ ପାଇଛି । ୨୦୧୦ ତୂଳନାରେ ୨୦୨୩ରେ ନକ୍ସଲ ହିଂସାରେ ମୃତ୍ୟୁସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି । ସଶସ୍ତ୍ର ଉଗ୍ରବାଦୀ କ୍ୟାଡରଙ୍କୁ ନିପାତ କରିବାରେ ୨୦୨୪ ମସିହାରେ ସୁରକ୍ଷା ବାହିନୀକୁ ଅଭୂତପୂର୍ବ ସଫଳତା ମିଳିଛି। ଚଳିତ ସପ୍ତାହରେ ଛତିଶଗଡ଼ ପୁଲିସ ୩୧ ମାଓବାଦୀଙ୍କୁ ନିପାତ କରି ବିପୁଳ ସଫଳତା ହାସଲ କରିଛି।

### ଅନିଶ୍ଚିତତାରେ...

ହେଲେ ଦାବି ପୂରଣ ହୋଇପାରିଲା ନାହିଁ । ନେତାମାନେ ସରକାରଙ୍କ ଉପରେ ଯେଭଳି ଚାପ ପକାଇବାକଥା ତାହା ପକାଇପାରିଲେ ନାହିଁ । ଓଲଟା ବିଜେଡି ସରକାର ନାଲିଆଖି ଦେଖାଇ ନେତାଙ୍କୁ ଡରାଇଦେଲେ । ତେଣୁ ଏଭଳି ସ୍ଥିତିରେ କାର୍ଯ୍ୟକାଳ ସରିଥିବା ନେତାମାନେ ତୁରନ୍ତ ପଦ ପଦବୀ ଛାଡିବା ସହିତ ନିର୍ବାଚନକୁ ଯିବା ଦରକାର । ଯେହେତୁ ନିର୍ବାଚନ କମିଶନ ଗଠନ ହୋଇଛି ତେଣୁ କାଳ ବିଳମ୍ବ ନକରି ନିର୍ବାଚନ ତାରିଖ ଘୋଷଣା କରାଯାଉ ଏବଂ ନିର୍ବାଚନରେ ବିଜୟୀ ପ୍ରତିନିଧିମାନେ ଦାବି ପୂରଣ ଦିନରେ ନୂଆ ସରକାରଙ୍କ ସହିତ ଆଲୋଚନା କରନ୍ତୁ। ନୂଆ ନେତା ଆସିଲା ପରେ ନୂଆ କାର୍ଯ୍ୟକ୍ରମ ସ୍ଥିର ହେବ । ତେବେ କର୍ମଚାରୀମାନଙ୍କ କଥାକୁ ଶୁଣି ପୁରୁଣା ନେତାମାନେ କେବେ ପଦ ପଦବୀ ଛାଡିବେ ଓ ନିର୍ବାଚନ ହେବ ତାହା ଉପରେ ଅଧିକାଂଶ କର୍ମଚାରୀଙ୍କ ନଜର ରହିଛି ।

### ଇସ୍ରାଏଲ ଉପରେ...

ଏଜେନ୍ସି ଏଫବିଆଇ ସତର୍କ ସୂଚନା ଜାରି କରିଥିଲା। ଇସ୍ରାଏଲର ଗୋଲାନ୍ ହାଇଟ୍ସ ଉପରେ ମଧ୍ୟ ଆକ୍ରମଣ କରାଯିବା ନେଇ ସତର୍କ କରାଇ ଦିଆଯାଇଥିଲା। ଫଳରେ ଆଇଡିଏଫ୍ ସର୍ବାଧିକ ସଜାଗ ଥିଲା। ତଥାପି ରକେଟ ମାଡ଼ର ଶିକାର ହେବାରୁ ଇସ୍ରାଏଲ ସେନା ପ୍ରତିଶୋଧ ନେବା ଲାଗି ପ୍ରସ୍ତୁତି ଚଳାଇଛି। ଏତଦ୍‌ଭିନ୍ନ ଦକ୍ଷିଣ ଇସ୍ରାଏଲ୍‌ର ବର୍‌ସେବାରେ ଆଖିବୁଜା ଗୁଳିମାଡ଼ କରାଯିବାରୁ ଜଣେ ମହିଳା ପ୍ରାଣ ହରାଇବା ସହିତ ୧୦ ଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀକୁ ପୋଲିସ ହତ୍ୟା କରିଛି।

## କ୍ୟାନ୍‌ସର ପୀଡିତ ଶିଶୁକୁ ସହାୟତା



**ରାଜନଗର, ୬।୧୦ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗାଁର କଳ୍ପତରୁ ବାରିକଙ୍କ ଏକମାତ୍ର ପୁତ୍ର ଯାହାର ବୟସ ମାତ୍ର ଦେଢବର୍ଷ, ସେ ଦୁନିଆଁ କଣ ଠିକ୍‌ସେ ଜାଣିନାହିଁ। ସେହି କୋମଳମତି ଶିଶୁଟି ଏବେ ରକ୍ତ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜୀବନ ସହିତ ସଂଘର୍ଷ କରୁଛି। ଡାକ୍ତରଙ୍କ କହିବା କଥା ହେଲା ଏହି ରୋଗକୁ ଭଲ କରିବା ପାଇଁ ଅର୍ଥ ଏବଂ ରକ୍ତର ଆବଶ୍ୟକତା ରହିଛି। ଏହି ଖବର ପାଇବା ପରେ ରାଜନଗର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଗାବଳିଆ ଫାଉଣ୍ଡେସନ କର୍ମକର୍ତ୍ତାମାନେ ମେଡିକାଲରେ ପହଁଚି ୧୦ହଜାର ଟଙ୍କା ଆର୍ଥିକ ସହାୟତା କରିବା ସହିତ ଶିଶୁର ଯେତେ ରକ୍ତ ଆବଶ୍ୟକ ଯୋଗାଇ ଦେବେ ବୋଲି ଫାଉଣ୍ଡେସନର ଗିରିଶ ମହାନ୍ତି, ଚିତ ରଞ୍ଜନ ସ୍ୱାଇଁ, ପ୍ରଣୟ ସ୍ୱାଇଁ, ସୁଧିର ନାୟକ, ସୁନିଲ ପୁହାଁଣ, ସତ୍ୟପ୍ରକାଶ ପ୍ରଧାନ, ରାଜେଶ ଦାସ ପ୍ରମୁଖ କହିଛନ୍ତି।

### ପଡୋଶୀ ଜିଲ୍ଲାରେ ଶିଳ୍ପ, କେନ୍ଦ୍ରାପଡ଼ାରେ ପଡୁଛି ପ୍ରଭାବ

# ଚାଷୀଙ୍କୁ ଘାରିଛି ପ୍ରଦୂଷଣ ଚିନ୍ତା





**କେନ୍ଦ୍ରାପଡ଼ା, ୬।୧୦ (ସଂଚାର ବ୍ୟୁରୋ):** ପୂର୍ବ ଅପେକ୍ଷା ବର୍ତ୍ତମାନ ଚାଷ କାର୍ଯ୍ୟରେ ବହୁ ଉନ୍ନତି ଘଟିଛି। ବର୍ତ୍ତମାନର ଚାଷୀ ଆଧୁନିକ ପ୍ରଣାଳୀରେ ଚାଷ କରି ସେଥିରେ ରୋଗ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ସାରଠୁ ଆରମ୍ଭ କରି କୀଟନାଶକ ଔଷଧ ଆଦି ପ୍ରୟୋଗ ଦ୍ୱାରା ଅଧିକ ଅମଳ କରି ଭଲ ଲାଭ ଆଶାରେ ଚାଷୀ ବହୁ ପରିଶ୍ରମ କରୁଛି। ହେଲେ ବର୍ତ୍ତମାନ ଚାଷୀର ସବୁ ଆଶା ନିରାଶା ପାଲଟିଛି। କାରଣ ପ୍ରଦ୍ୟୁଷଣ ବୃଦ୍ଧି ଯୋଗୁଁ ଚାଷକୁ ସମ୍ପୂର୍ଣ୍ଣ କ୍ଷତି ପହଞ୍ଚାଉଛି। ପଡୋଶୀ ଜିଲ୍ଲାରେ ଶିଳ୍ପ ଆଉ କାରଖାନା ବଢ଼ିଥିବା ବେଳେ ଏହାର ପ୍ରଭାବ କିନ୍ତୁ କେନ୍ଦ୍ରାପଡ଼ାରେ ଦେଖିବାକୁ ମିଳୁଛି । ତେବେ ପଡୋଶୀ ଜିଲ୍ଲା ସବୁ ଶିଳ୍ପରୁ ଲାଭ ପାଉଥିବା ବେଳେ କେନ୍ଦ୍ରାପଡ଼ାକୁ କ୍ଷତି ସହିବାକୁ ପଡୁଛି । କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତି ସହୁଥିଲେ ମଧ୍ୟ କୌଣସି ସହାୟତା ପାଉନି।

ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀକୁଳ ପୂର୍ବ ଭଳି ଆଉ ଚାଷରୁ ଅମଳ କରିପାରୁନାହାଁନ୍ତି । ଯେତେ ବୈଜ୍ଞାନିକ ପଦ୍ଧତିର ଚାଷ କଲେ ମଧ୍ୟ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢ଼ୁଥିବାରୁ ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛି । ବର୍ଷ ବର୍ଷ ଧରି ଭଲ ଫସଲ ମଧ୍ୟ ଅମଳ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ମଧ୍ୟ ରୋଜଗାର ଦେଉଥିବା ଚାଷୀ ଆଜି ଚାଷ କରିବାକୁ ପଛଘୁଂଚା ଦେଉଥିବା ପରିଲକ୍ଷିତ ହେଉଛି । ପୂର୍ବଭଳି ଆଉ ପନିପରିବା ଫୁଲଫଳ ଧରୁନି। ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ୭୦ ପ୍ରତିଶତ ଚାଷ ଉପରେ ସମ୍ପୂର୍ଣ୍ଣ ଭରସା କରୁଥିବା ଚାଷୀ ଏବେ ଜମି ପଡ଼ିଆ ପକାଇ ଅନ୍ୟ ପନ୍ଥା ଆପଣାଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଦିନ ଆସିବ ଚାଷୀ ଆଉ ଜମାରୁ ଚାଷ କରିବ ନାହିଁ ବେଳହୁଁ ସାବଧାନ ନହେଲେ ଚାଷୀକୁଳ ହତାଶ ହେବା ସହ ଚାଷ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତି ବେକାରୀ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଏହି ଯେମିତି ଚାଷ ଉପରେ ନିର୍ଭର କରୁଥିବା ରାଜକନିକ, ରାଜନଗର, ପଟାମୁଣ୍ଡାଇ, ଆଳି, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ବହୁ ସଙ୍କଟ ମଧ୍ୟରେ ଗତି କରୁଛନ୍ତି।

ସୂଚନା ମୁତାବକ ଏହି ବ୍ଲକ ମଧ୍ୟରେ ବର୍ଷ ଧରି ଶତାଧିକ ଏକର ଜମିରେ ବିଭିନ୍ନ କିସମର ପନିପରିବା ଚାଷ କରି ଚାଷୀମାନେ ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ଏହି କିଛି ବର୍ଷ ହେବ କେନ୍ଦ୍ରାପଡ଼ା ଚାଷୀ ସଙ୍କଟରେ ପଡି ଯାଇଛନ୍ତି। ଚାଷୀମାନଙ୍କ କହିବା କଥା ହେଲା ପନିପରିବା ମଞ୍ଜି ପୋତିଲେ ବି ଏବେ ଗଛ ସିନା ହେଉଛି, ହେଲେ ଫଳ ଧରୁନି । ଯଦି ଧରୁଛି ତାହା ପୁଣି ଖୁବ୍ ଛୋଟ ଛୋଟ ହେଉଛି। ଏଥିପାଇଁ ମଞ୍ଜି, ସାର, ଔଷଧ ଏବଂ ଟ୍ରାକ୍ଟର ଖର୍ଚ୍ଚ ବି ଉଠିବା କଷ୍ଟ ହୋଇପଡିଛି । ଯେଉଁ ହିସାବରେ ଜିଲ୍ଲାରେ ଧାନ, ବିରି, ମୁଗ, କୋଳଥ, ବାଦାମ ଆଦି ଚାଷ କରୁଥିଲେ ଆଉ ସେଭଳି ଦେଖିବାକୁ ମିଳୁନି। ଏନେଇ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଜିଲ୍ଲାର ହଜାର ହଜାର ଚାଷୀ ଚାଷ ଛାଡିବାକୁ ବାଧ୍ୟ ହେବେ।

## ବିଦ୍ୟାଳୟରୁ ୬୮ ହଜାର ଚୋରି

**ଟାଙ୍ଗୀ-ଚୌଦ୍ୱାର, ୬।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ସାମନ୍ତରାପୁର ପଞ୍ଚାୟତର ସର୍ଦ୍ଧାରଖରିଦା-ସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ରାତିରେ ଚୋରମାନେ ପଶି ନଗଦ ୬୮ ହଜାର ଟଙ୍କା ଓ ଏକ ସାଉଣ୍ଡ ସିଷ୍ଟମ ଲୁଟି ନେଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ବିଳମ୍ବିତ ରାତିରେ ଚୋରମାନେ ପ୍ରଧାନ ଶିକ୍ଷକଙ୍କ ଅଫିସ୍ ଗୃହ କବାଟ ଭାଙ୍ଗି ଅଫିସ୍ ଭିତରେ ଥିବା ଆଲମିରା କବାଟ ଓ ଭିତର ଲକର ତାଡ଼ି ତା ଭିତରେ ଥିବା ନଗଦ ୬୮ ହଜାର ଟଙ୍କା ଲୁଟି ନେଇଛନ୍ତି। ମୋସ୍କୁଲ ଅଭିଯାନ, ମଧ୍ୟାହ୍ନ ଭୋଜନ ଓ ଦୈନନ୍ଦିନ ଖର୍ଚ୍ଚ ବାବଦକୁ ପୂର୍ବରୁ ଗଚ୍ଛିତ ଥିବା ଅର୍ଥରାଶି ଓ ଶନିବାର ଦିନ ବ୍ୟାଙ୍କରୁ ଉଠାଣ କରିଥିବା ୧୭ ହଜାର ଟଙ୍କା ଆଲମିରା ଲକ୍କର ଭିତରେ ରଖିଥିଲେ ବୋଲି ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଏଥି ସହିତ ବିଦ୍ୟାଳୟର ଏକ ଦାମିକା ସାଉଣ୍ଡ ସିଷ୍ଟମକୁ ମଧ୍ୟ ଚୋରମାନେ ନେଇଯାଇଛନ୍ତି। ଅଭିଯୋଗ ପାଇ ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



## ଗୋ-ମାଂସ ଜବତ ଦୁଇ କୋର୍ଟ ଚାଲାଣ

**ପିପିଲି, ୬।୧୦ (ସଂଚାର ବ୍ୟୁରୋ):** ପୁରୀ-ଭୁବନେଶ୍ୱର ରାଜପଥର ପିପିଲି ବଜାରରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରୁ ଗୋ-ମାଂସ ଜବତ କରିଛି ପିପିଲି ପୋଲିସ। ସୂଚନା ମୁତାବକ ଦୁଇ ଜଣ ବ୍ୟକ୍ତି ପିପିଲିରୁ ଏକ ଟିଭିଏସ ଷ୍ଟାର ସିଟି ବାଇକ ଯାହାର କି ନମ୍ବର ଓ.ଆର ୦୨ ବିସି ୩୮୬୧ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପିପିଲି ପେଟ୍ରୋଲ ପମ୍ପ ଠାରେ ଏକ ବାଇ ଆରୋହୀଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଜନସାଧାରଣ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ସହଯୋଗ କରିବାରେ ଜାଣିବାକୁ ପାଇଥିଲେ ଯେ ଏକ ବ୍ୟାଗରେ ଗୋ-ମାଂସ ନେଉଥିଲେ। ଏହି ଦୁର୍ଘଟଣାରେ ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେବାରେ ପିପିଲି ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଥିଲେ। ପିପିଲି ପୋଲିସ ସୂତ୍ରରୁ ପ୍ରକାଶ ଯେ ଏହି ଦୁଇ ଜଣ ବ୍ୟକ୍ତି ରାଜୁ ମଣ୍ଡଳ ପିତା-ବବଲୁ ମଣ୍ଡଳ ଓ ସୁରଜ ସେଖ୍ ପିତା-ସେଖ୍ ସଫିକର ଉଲ୍ଲା ଏମାନେ ଗୁଡ଼ିଆପୋଖରୀ ନିକଟରେ ଏକ ଆପାର୍ଟମେଣ୍ଟରେ ମିସ୍ତ୍ରୀ କାମ କରୁଥିବାରେ ଏମାନଙ୍କ ଘର ଚୁଆପକୁର, ଲାଲଗୁଲା, ଜିଲ୍ଲା-ମୁର୍ସୀଦାବାଦ ହୋଇଥିବା ବେଳେ ଏଠି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏମାନେ ପିପିଲି ଅଞ୍ଚଳରୁ କାହା ସହଯୋଗରେ ରୋଷେଇ କରିବା ପାଇଁ ଗୋ-ମାଂସ ନେଉଥିଲେ ? ଏ ନେଇ ପିପିଲି ଥାନାରେ କେସ୍ ନଂ-୪୫୦/୨୦୨୪ ମାମଲା ରୁଜୁ କରି ଦଫା୨୮୧/୧୨୫(ଏ) ୨୮୧/୧୨୫/(ବି) ବି.ଏନ.ଏସ୍-୭ ରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ଖବର ପାଇ ଏ ସମ୍ପର୍କରେ ସଙ୍ଗଠିତ ହିନ୍ଦୁ ପରିବାର ଚେତାବନୀ ଦେଇଛନ୍ତି ଅଗାମୀ ଦିନରେ ବିରାଟ ରାଲି କରିବା ସହ ପ୍ରେସ୍ ମିଟ୍ କରାଯିବ।

## ଅସହାୟ ବୃଦ୍ଧଙ୍କୁ ମିଳିଲା ବଞ୍ଚିବାର ରାହା



**କେନ୍ଦ୍ରାପଡ଼ା, ୬।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜଣେ ଅସହାୟ ବୃଦ୍ଧଙ୍କୁ ବଞ୍ଚିବାର ରାହା ମିଳିଛି। ବୃଦ୍ଧ ଜଣଙ୍କ ହେଲେ ଜଷ୍ଟିଲୋ ଗ୍ରାମର ସନାତନ ମୁଦୁଲି । ଏକ ଅଭିଯୋଗ ଅନୁଯାୟୀ ପରିଣତ ବୟସରେ ବୃଦ୍ଧଙ୍କୁ ଦେଖାଶୁଣା କରିବା ପାଇଁ କେହି ନାହାନ୍ତି ଯାହା ଫଳରେ ଭିକ୍ଷାବୃତ୍ତି କରି ଖାଇଥାନ୍ତି। ଯେଉଁଦିନ ଭିକ୍ଷା ବୃତ୍ତି କରନ୍ତି ନାହିଁ ସେଦିନ ଉପବାସରେ ପର ବାରଣ୍ଡାରେ ଅଖିଆ ଅପିଆ ପଡିଥାନ୍ତି । ଅନ୍ତନ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘରେ ରହି କିଛିଦିନ ସହାୟତା ପାଇଥିଲେ । ଅନ୍ତଙ୍କ ଅସହାୟତା ପ୍ରକାଶ କରି ପ୍ରାଧିକରଣ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ଜାଣିବା ପରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କୁ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସୁମିତ୍ରା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜରିଆରେ ବୃଦ୍ଧଙ୍କୁ ଏକ ରାଜନଗର ସ୍ଥିତ ରିଘାଗଡ ବୃଦ୍ଧାଶ୍ରମରେ ଥଇଥାନ କରାଇଥିଲେ ।

## ଚାଷୀଙ୍କ ଟଙ୍କା ଖାଇଗଲା ପୂଆ ପ୍ରାଥମିକ କୃଷି ସମବାୟ ସମିତି

**ସୁବର୍ଣ୍ଣପୁର, ୬।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ପୂଆ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀମାନେ ସମିତିରେ ଘୋର୍ ଦୁର୍ନୀତି ହୋଇଥିବା ବିଷୟ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଡିଆରସିଏସଙ୍କୁ ଅଭିଯୋଗ କରିଛନ୍ତି। ପୂଆ ସମବାୟ ସମିତିର ସଭାପତି ପ୍ରଭୁଦତ୍ତ ଡାଙ୍ଗଙ୍କ



ଆଦେଶ କ୍ରମେ ଦୀର୍ଘ ବର୍ଷରୁ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ଲିଖିତ ଅଭିଯୋଗ ସେମାନେ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ସଭାପତିଙ୍କ ଆଦେଶ କ୍ରମେ ଚାଷୀମାନଙ୍କ ଅଜ୍ଞାତରେ ଜାଲ ଦସ୍ତଖତ କରି ଚାଷୀମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ କରି ଟଙ୍କା ହରିଲୁଟ କରିଛନ୍ତି। ଏପରିକି ଦିବ୍ୟାଙ୍ଗ ଚାଷୀ ଓ ମୃତ ଚାଷୀଙ୍କ ନାମରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି ସମିତିର କର୍ମଚାରୀ। ସଭାପତିଙ୍କୁ ଏଆରସିଏସ୍‌ଙ୍କ ପତ୍ରସଂଖ୍ୟା ୬୨୭ ତା. ୧୮.୦୬.୨୪ ଅନୁଯାୟୀ ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରି ନାହାନ୍ତି। ଗତ ଖରିଫ ୨୦୨୩ରେ ସଭାପତିଙ୍କ ମନମାନି ଓ ଅନୀତି କାର୍ଯ୍ୟକଳାପ ଯୋଗୁଁ ଚାଷୀମାନେ ଧାନ ବିକ୍ରୟ କରି ନପାରି ବାହାରେ ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଲେ । ସଭାପତି ବୋର୍ଡ ସଭ୍ୟମାନଙ୍କ ଅଜ୍ଞାତରେ ନୂତନ ପିଅନ ନିଯୁକ୍ତି ମଧ୍ୟ କରିଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ସଂପର୍କରେ ତତ୍କାଳୀନ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପରେ ସହ-ସମ୍ପାଦକଙ୍କୁ ଟଙ୍କା ହେରଫେର ଓ ଟୋକନ ହେରଫେର ବାବଦରେ ବହିଷ୍କାର କରିଥିବା ପୁଣି ସଭାପତି ତାଙ୍କୁ କେଉଁ ଆଇନ ବଳରେ ସେଇ ଦୁର୍ନୀତିଖୋର ବାସୁଦେବ ପାତ୍ରଙ୍କୁ ଏ ସମିତିରେ କାର୍ଯ୍ୟ ଦାୟିତ୍ୱ ଦେଲେ ତାହା ତଦନ୍ତ କରାଯାଉ ବୋଲି ଚାଷୀ ଦାବି କରିଛନ୍ତି। ଦୁର୍ନୀତି ଖୋର୍ ସମିତି ସଭାପତି ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ଚାଷୀ ମାନେ ଦୃଢ଼ ଦାବି କରିଛନ୍ତି।

### ନୟାଗଡ଼ ବିଜେଡିର ପ୍ରସ୍ତୁତି ବୈଠକ

## ଅରୁଣଙ୍କ ଗୁରୁମନ୍ତ୍ରରେ ମୁଗ୍ଧ ହେଲେ ଦଳୀୟ ନେତୃବୃନ୍ଦ

**ନୟାଗଡ଼, ୬।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପଦ ଯାତ୍ରା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପୂର୍ବରୁ ବିଜୁ ଜନତା ଦଳ ଯେଉଁଭଳି ଢଙ୍ଗରେ ସମସ୍ତ କାର୍ଯ୍ୟ କରୁଥିଲା ସେହି ସମାନ ଢଙ୍ଗରେ ସମସ୍ତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସରକାରଙ୍କ ବିଫଳତାକୁ ନେଇ ପ୍ରତ୍ୟେକ ସ୍ତରରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଲୋକଙ୍କୁ ମିଛ ପ୍ରତିଶୃତି ଦେଇ ଆସିଥିବା ସରକାରଙ୍କୁ ଉଚିତ ଜବାବ ଦେବା ପାଇଁ କର୍ମୀ ଓ ନେତା ମାନଙ୍କୁ ପରାମର୍ଶ ଦେଇଥିଲେ। ଡରିବାର ନାହିଁ ଆମେ ପୂର୍ବ ଯେଉଁ ଭଳି ବିକାଶର କାମ କରିଆସୁଛେ, ସେହିପରି ଭାବେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିକାଶ ପାଇଁ କାମ କରିବା । ଲୋକଙ୍କ ପାଇଁ ଉତ୍ସର୍ଗୀତ ହେବା। କାହାରି କଥାରେ ଭାସି ଯାଇ ଭୁଲ ପଦକ୍ଷେପ ନନେଇ ତାଙ୍କୁ ଜବାବ ଦେଇ ନିଜର ଦୃଢ଼ ଶକ୍ତିକୁ ଦ୍ୱିଗୁଣିତ କରନ୍ତୁ ବୋଲି କହି ବିଜେଡ଼ି ନେତୃତ୍ୱଙ୍କ ମନରେ ଶକ୍ତ ସିଂହର ଜାଗରଣ ସୃଷ୍ଟି କରିଛନ୍ତି ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ।

ଆସନ୍ତା ୯ ତାରିଖରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ସଦସ୍ୟତା ଗ୍ରହଣର ଶୁଭାରମ୍ଭ କରିବେ। ଏହି ଅବସରରେ ସମସ୍ତ ନେତା ଓ କର୍ମୀ ମାନେ ଜୁମ୍ ମାଧ୍ୟମରେ



ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଜେଡି ସଦସ୍ୟତାକୁ ଗୁରୁତର ଦେବାକୁ ପରାମର୍ଶ ଦେଇଥିଲେ । ଦଶହରା ପର୍ବ ରହୁଥିବାରୁ ଆସନ୍ତା ୨୩ ତାରିଖରେ ଓଡ଼ଗାଁରେ ପଦଯାତ୍ରା ହେବା ସହ ୨୫ ତାରିଖରେ ନୟାଗଡ଼ରେ ପଦଯାତ୍ରା କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ ସରୋଜ ରଣସିଂ, ସୁବାଷ କଅଁର, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥି ସହିତ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଓ ବରିଷ୍ଠ ନେତୃମଣ୍ଡଳୀ ମାନେ ଯୋଗ ଦେଇଥିଲେ ।

### ଖପ୍ରାଖୋଲରେ କ୍ୱାକ୍‌ଙ୍କ ଉପଦ୍ରବ

## ଖବର ପ୍ରସାରଣ ପରେ ବି ଚୁପ୍ ବସିଛି ପ୍ରଶାସନ

**ପାଟଣାଗଡ, ୬।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିନା ଲାଇସେନ୍ସ ରେ ବେଧଡ଼କ ଚାଲିଛି ରୋଗୀ ଚିକିତ୍ସା ତା ସହିତ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି କ୍ୱାକ୍‌ମାନେ। ବିଭିନ୍ନ ଦୁରାରୋଗରେ ପୀଡିତ ନିରୀହ ଲୋକମାନଙ୍କୁ ଚିକିତ୍ସା ନାଁରେ ଲୁଟି ଚାଲିଛନ୍ତି । ନକଲି ଡାକ୍ତରମାନେ ଗାଁ ଗାଁରେ ଏବେ କ୍ଲିନିକ ଖୋଲି ଘରକୁ ଘର ସ୍ୱାସ୍ଥ୍ୟସେବା ଦେବା ନାଁରେ ଭୁଲ ଚିକିତ୍ସା କରୁଛନ୍ତି ଯାହାଫଳରେ ରୋଗୀ ସ୍ୱାସ୍ଥ୍ୟ ଅବସ୍ଥା ସାଙ୍ଘାତିକ ହୋଇ ଶେଷରେ ଜୀବନ ଯାଉଛି। ରୋଗୀ ଆରୋଗ୍ୟ ନ ହେଲେ ସରକାରୀ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଉଛନ୍ତି । ଲୋକଙ୍କୁ ଖର୍ଚ୍ଚାନ୍ତ କରାଉଛନ୍ତି। ଏଠି ପ୍ରଶ୍ନ ଉଠୁଛି କାହାର ଛତ୍ରଛାୟା ତଳେ ରହି କୌଣସି ଡାକ୍ତରୀ ପ୍ରମାଣ ପତ୍ର ନଥାଇ ଡାକ୍ତରୀ କାମ କରୁଛନ୍ତି। କାରଣ ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରୁନଥିବାରୁ ଉଚ୍ଚସ୍ତରୀୟ ପ୍ରଶାସନ ତଦନ୍ତ କରି କ୍ୱାକ ଡାକ୍ତରମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### କାଳୀ ପୂଜା ପ୍ରସ୍ତୁତି ବୈଠକ

## ଭସାଣିକୁ ଡିଜେ ଓ ନିଶାମୁକ୍ତ କରିବାକୁ ଆହ୍ୱାନ

**ଯାଜପୁର, ୬।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ କାଳୀପୂଜା ଏକ ଗଣପର୍ବ ହୋଇଥିବାରୁ ତାହାକୁ ଶାନ୍ତି ଶୃଙ୍ଖଳା ଭାବେ ପାଳନ କରିବା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଗଣପର୍ବ କାଳୀପୂଜାକୁ ଶାନ୍ତି, ମୈତ୍ରୀ, ସଂପ୍ରିତି, ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶୃଙ୍ଖଳା ବାତାବରଣ ମଧ୍ୟରେ ପୂଜା ଓ ଭସାଣିକୁ ସମାପନ କରିବା ନିମନ୍ତେ ଜିଲ୍ଲାପାଳ ଅନ୍ୱେଷା ରେଡ୍ଡୀ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନଙ୍କ ସହଯୋଗ କାମନା କରିଥିଲେ। ଏଥି ସହିତ ଚଳିତ ବର୍ଷ ପୂଜା ମଣ୍ଡପ ଓ ତାର ପାରିପାର୍ଶ୍ୱିକ ଅଞ୍ଚଳରେ ସ୍ୱଚ୍ଛତା ରଖିବା ପାଇଁ ପରାମର୍ଶ ଦେବା ସହିତ ଶ୍ରେଷ୍ଠ ବିବେଚିତ ୩ ଗୋଟି ପୂଜା ମଣ୍ଡପକୁ ଯାଜପୁର ପୌର ସଂସ୍ଥା ପକ୍ଷରୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ବିଭିନ୍ନ ପୂଜା କମିଟି ଓ ପୂଜା ମଣ୍ଡପ ଗୁଡ଼ିକର ସଭାପତି, ସମ୍ପାଦକ, ଶାନ୍ତି କମିଟିର ସଦସ୍ୟ, ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ମାନେ ଏହି ବୈଠକରେ ଯୋଗଦେଇ ଆଗାମୀ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ନିମନ୍ତେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ ।

ଆସନ୍ତା ନଭେମ୍ବର ୩୦ ତାରିଖରୁ ଲକ୍ଷ୍ମୀ ନାରାୟଣ ପୂଜା ଓ ୩୧ ତାରିଖରୁ ମା' କାଳୀ ପୂଜା ଆରମ୍ଭ ହେବା ସହ ନଭେମ୍ବର ୦୮ ଓ ୦୯ ତାରିଖ ୨ ଦିନ ଧରି ଭସାଣି ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବର୍ଷ ନୂତନ ଭାବେ ପ୍ରଚଳିତ ସିଙ୍ଗଲ ଓ୍ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ସମସ୍ତ ପୂଜା କମିଟି ତାଙ୍କର ଫାୟର ସାର୍ଟିଫିକେଟ, ସାଉଣ୍ଡ ପରମିଶନ ଓ ଇଲେକ୍ଟ୍ରିକ ସାର୍ଟିଫିକେଟ ଆବେଦନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ନେବା ପାଇଁ ବ୍ୟବସ୍ଥା କରାଯିବ। ପୂଜା ସମୟରେ ପ୍ରତ୍ୟେହ ରାତ୍ର ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଭସାଣିକୁ ଡିଜେ ମୁକ୍ତ, ନିଶାମୁକ୍ତ ଏବଂ ଶାନ୍ତି ପୂର୍ଣ୍ଣ ଭାବେ ପାଳନ ପୂର୍ବକ ଆଇନ୍ ଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରିମଲ ଅନୁରୋଧ କରିଥିଲେ। ଯେଉଁ ପୂଜା କମିଟି ବା ପୂଜା ମଣ୍ଡପ ନିଷ୍ପତ୍ତିକୁ ଅବମାନନା ବା ଉଲଂଘନ କରିବେ ସେମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ସମୂହ ପୂଜାରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

### ନିମ୍ନମାନର ରାସ୍ତା କାମକୁ ନେଇ ଅଭିଯୋଗ

# ମାସକ ଭିତରେ ଉଠିଲା ପିଚୁ, ଯାତାୟାତ ବାଧାପ୍ରାପ୍ତ

**ମାଲକାନଗିରି, ୬।୧୦ (ସଂଚାର ବ୍ୟୁରୋ) :** ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ ମେକା ପଞ୍ଚାୟତର ଗ୍ରାମବାସୀ ନବନିର୍ମିତ ପୋଲ ଏବଂ ନିମ୍ନମାନର ରାସ୍ତାକୁ ନେଇ ଆଣିଛନ୍ତି ଅଭିଯୋଗ। ମାଥିଲି ବ୍ଲକର ମେକା ଗ୍ରାମପଞ୍ଚାୟତରୁ ଦାମପଡାକୁ ଯୋଗାଯୋଗ କରିବା ପାଇଁ ଏକ ପୋଲ ନିର୍ମାଣ ହୋଇଥିବା ବେଳେ ପୋଲ ଏବଂ ରାସ୍ତା କାର୍ଯ୍ୟରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ଅଂଚଳରେ ପୋଲ ନିର୍ମାଣ ଏବଂ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଅତି ନିମ୍ନମାନର ହୋଇଥିବାରୁ ରାସ୍ତା କାମ ଶେଷ ହୋଇ ଏକ ମାସ ନ ହେଉଣୁ ପୋଲର ଦୁଇ ପାର୍ଶ୍ୱର ମାଟି ଧସି ଯିବା ସହ ପିଚୁ ଓ ଗୋଡି ବାହାରି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଯାଇଛି ଯାହା ଫଳରେ ଏହି ବିପଦପୂର୍ଣ୍ଣ ସେତୁ ଓ ରାସ୍ତା ଦେଇ ଗାଡି ମୋଟରରେ ଯିବାଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଯଦି କେହି ରାତିଅଧିଆ ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ନ୍ତି ଏହି ରାସ୍ତାରେ ଆମ୍ବୁଲାନ୍ସ ଆସିବାରେ ଅସୁବିଧା ହେଉଥିବା ମେକା ଗ୍ରାମବାସୀ ସୁଦେଶ ପୂଜାରୀ, ଡମୁ ପୂଜାରୀ, ଲାଇଛନ ଚଲା, ସମରା ପୂଜାରୀ, ଗଙ୍ଗା ଗାଛା ଏବଂ ଅନ୍ୟ ଗ୍ରାମବାସୀମାନେ କହିଛନ୍ତି। ସୀମାନ୍ତ ଛତିଶଗଡର



ଲୋକେ ମଧ୍ୟ ରୋଗରେ ଆକ୍ରାନ୍ତ ହେଲେ ମାଥିଲି ଚିକିତ୍ସାଳୟରେ ଚିକିତ୍ସା କରିବାକୁ ଆସୁଥିବା ବେଳେ ବର୍ତ୍ତମାନ ଏହି ନବ ନିର୍ମିତ ପୋଲ ଏବଂ ବିପଦଶଙ୍କୁଳ ରାସ୍ତାରେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଛତିଶଗଡବାସୀ ମଧ୍ୟ କହିଛନ୍ତି ।

କିଛିଦିନ ପୂର୍ବରୁ ପୋଲ ନିକଟରେ ପଡିଥିବା ଏକ ବୋର୍ଡରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଲକାନଗିରି ଲେଖା ହୋଇଥିବା ବେଳେ ବର୍ତ୍ତମାନ ତାହା ଦେଖିବାକୁ ମିଳୁନାହିଁ । ଉକ୍ତ ଫଳକରେ ମେକା ଠାରୁ ଦାମପଡା ରାସ୍ତାରେ ସ୍ଥାନୀୟ ନାଳ ଉପରେ ସେତୁ ନିର୍ମାଣ, ଚୁକ୍ତିନାମା ରାଶି ୮କୋଟି ୪୨ଲକ୍ଷ ୫୯ହଜାର ଟଙ୍କା, କାର୍ଯ୍ୟ ଆରମ୍ଭ ତାରିଖ ୧୮-୧୧-୨୦୧୯ ରହିଥବା ବେଳେ ଧାର୍ଯ୍ୟ ସମାପ୍ତି ତାରିଖ ୧୭-୦୫-୨୦୨୧, ନିର୍ମାଣକାରୀ ସଂସ୍ଥା ୟୁନିକନ କଷ୍ଟ୍ରାକସନ ଦର୍ଶାଯାଇଛି। କିନ୍ତୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ରାସ୍ତାକାର୍ଯ୍ୟ ଏହି ବର୍ଷ ଅଗଷ୍ଟ ମାସରେ ହୋଇ ଶେଷ ହୋଇଥିଲା କିନ୍ତୁ ବର୍ତ୍ତମାନ ନଦୀରୁ ବାଲି ବୋଝେଇ ବଡ଼ ଟ୍ରକ ଗୁଡିକ ଯାଇ ଏହି ରାସ୍ତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି ଏବଂ ପିଚୁ ରାସ୍ତାରୁ ଉଠିଯାଇଛି । ଉକ୍ତ ପୋଲର ୫୦ମିଟର ନିକଟରୁ ବାଲିଖନନ କାର୍ଯ୍ୟ ହେଉଥିବାରୁ ନଦୀର ଗତିପଥରେ ପରିବର୍ତ୍ତନ ହେବା ସହ ଆଗାମୀ ଦିନରେ ସେତୁ ପ୍ରତି ବିପଦ ରହିଛି ।

ଏହି ବିଷୟରେ ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ -୧ର କାର୍ଯ୍ୟାଳୟକୁ ଯାଇ ଆମେ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ସେତୁ ପ୍ରତି ବିପଦକୁ ପରୋକ୍ଷରେ ସ୍ୱୀକାର କରିବା ସହ ତାହା ଆମ ବିଭାଗର ଦାୟିତ୍ୱ ନୁହେଁ, ଏହା ମିନେରାଲ ଓ ମାଇନିଙ୍ଗ ଅଧୀନରେ ରହିଛି। ଫଳକ ଅନୁଯାୟୀ ରାସ୍ତା ଓ ସେତୁ କାର୍ଯ୍ୟ ସରିଥିବା ବେଳେ ଏହିଭଳି ନିମ୍ନମାନର କାର୍ଯ୍ୟପାଇଁ ଆଗାମୀ ଦିନରେ ଠିକାଦାର ନା ବିଭାଗ ଦାୟୀ ରହିବ ସେ ବିଷୟରେ ସାଧାରଣରେ ପ୍ରଶ୍ନ ଉଠୁଛି । ନିମମାନର ସେତୁ ଓ ରାସ୍ତା କାର୍ଯ୍ୟ ବାବଦରେ ମେକା ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ଗଣମାଧ୍ୟମ ଜରିଆରେ ବିଭାଗ ଓ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି। ଏଠାରେ ହୋଇଥିବା ପୋଲ ଏବଂ ରାସ୍ତା କାର୍ଯ୍ୟର ଉଚ୍ଚ ସ୍ତରୀୟ ଅଧିକାରୀଙ୍କୁ ପଠାଇ ତଦନ୍ତ କରି ଏହି କାର୍ଯ୍ୟକୁ ପୁନର୍ବାର ଠିକ ଭାବେ କରାଯିବାକୁ ଦାବି କରିଛନ୍ତି ।




## କଣାସରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ

**କଣାସ, ୬।୧୦ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠି ସ୍ୱଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣି ପ୍ରକଳ୍ପ (ନିରାଶ୍ରୟ ମାନସୀକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳ)ରେ ଆଜି ବିଶ୍ୱମାନସିକ ସ୍ୱାସ୍ଥ୍ୟ ସପସ୍ତାହପାଳନ ଅବସରରେ ଅକ୍ଟୋବର ୬ଠାରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହାର ପ୍ରଥମ ଦିବସରେ ଆଜି ୫୩୯ଜଣ ପୁରୁଷ ଓ ମହିଳା ନ୍ତେବାସୀ ଙ୍କୁ ନେଇ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛିଚ। ଏହି ଉତ୍ସବରେ ୫ନଂ ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ଯୁବ ସମାଜସେବୀ ସର୍ବେଶ୍ୱର ପଲାଇ, ଚୁପୁରିଙ୍ଗି ଗ୍ରାମପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ସେଠୀ, ନୀଳାଚଳ ସେବା ପ୍ରତିଷ୍ଠନାର ପରିଚାଳନା କମିଟିର ସଦସ୍ୟ ପ୍ରଭାସ ଚନ୍ଦ୍ର ସୁନ୍ଦରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥ ବିଶ୍ୱ ମାନସୀକ ସ୍ୱାସ୍ଥ୍ୟ ସପ୍ତାହ ସମ୍ପର୍କରେ କେତେଗୁଡିଏ ସୂଚନା ଦେଇଥିଲେ। ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ମାନସୀକ ସ୍ୱାସ୍ଥ୍ୟ ପସ୍ତାହର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକଳ୍ପର ତତ୍ତ୍ୱାବଧାରୀକା ଜୟଶ୍ରୀ ସାରପ୍ କାର୍ଯ୍ୟାକ୍ରମ ପରିଚାଳନା କରିଥିବା ବେଳେ ମାନସୀକ ଅସୁସ୍ଥ ବ୍ୟକ୍ତି ବିଷୟରେ ସୁନ୍ଦର ବାର୍ତ୍ତା ରଖିଥିଲେ। ଶେଷରେ ନିରାଶ୍ରୟ ମାନସୀକ ଅସୁସ୍ଥ ଅନେବାସୀମାନଙ୍କ ପକ୍ଷରୁ ନୃତ୍ୟ, ଗୀତ, ଖେଳେ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପର ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକଙ୍କ ସମେତ ସମସ୍ତ ଚିକିତ୍ସା, ମନବଜ୍ଞାନି, ପରାମର୍ଶଦାତା, ସାମାଜିକ କର୍ମୀ, ମିଡିକାଲ କର୍ମଚାରୀ ଏବଂ ସମସ୍ତ କ୍ୟାରଟେକର ସହଯୋଗ କରିଥିଲେ।




## ଭଣ୍ଡ ସନ୍ୟାସୀଙ୍କର ଡବଲ ଚେଲା

ଏୟାରପୋର୍ଟ ପାଖ ମଠରେ ଥିବା ସନ୍ୟାସୀଙ୍କର ଏବେ ଦୁଇ ଜଣ ନୂଆ ଚେଲା ନିଯୁକ୍ତ ହୋଇଛନ୍ତି। ଚେଲାମାନେ କିଛିଦିନ ହେଲା ମଠକୁ ଯା ଆସ କରୁଥିଲେ ମଧ୍ୟ ଏବେ ସେମାନଙ୍କୁ ଗୁରୁ ଦାୟିତ୍ୱ ମିଳିଛି। ଭଣ୍ଡ ସନ୍ୟାସୀଙ୍କର ହୁକୁମ ପାଳନ କରିବାକୁ ଏମାନେ ସର୍ବଦା ତୟାର ହୋଇଛନ୍ତି। ଟିଭିରେ ବାଇଟ୍ ଦେବାଠାରୁ ଆରମ୍ଭ କରି ଗୁଇନ୍ଦା ସଂଗ୍ରହ ପର୍ଯ୍ୟନ୍ତ ସବୁ କାମ କରୁଛନ୍ତି। ମଝିରେ ମଝିରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ସନ୍ୟାସୀଙ୍କ ସପକ୍ଷରେ ଲୋକ ଗୋଟାଉଛନ୍ତି। ତେବେ ମଜାର କଥା ହେଲା ହେଲା ସନ୍ୟାସୀ ଚୟନ କରିଥିବା ଦୁଇଜଣ ଯାକ ଚେଲା ଗତ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଛନ୍ତି। ଉଭୟ ପୂର୍ବରୁ ରାଜ୍ୟ ସରକାରରେ ମନ୍ତ୍ରୀ ବି ଥିଲେ। ତେଣୁ ସେମାନଙ୍କର ପ୍ରବଳ ଅଭିଜ୍ଞତା ହେତୁ ସନ୍ୟାସୀଙ୍କ ଚେଲା ଭାବେ ଚୟନ ହୋଇଛନ୍ତି। ତେବେ ମଜାର କଥା ହେଲା ଉଭୟ ଚେଲା କିନ୍ତୁ ବାହାରେ ଯାହାକୁ ଦେଖୁଛନ୍ତି ସନ୍ୟାସୀଙ୍କର ଚଉଦ ପୁରୁଷ ଶ୍ରାଦ୍ଧ କରିବା ସହିତ ମଠ ମହନ୍ତଙ୍କୁ ପ୍ରବଳ ଗାଳି ଦେଉଛନ୍ତି। ହେଲେ ଯେତେବେଳେ ଭଣ୍ଡ ସନ୍ୟାସୀ ଫୋନ୍ କରୁଛନ୍ତି କୌଣସି ଅକୁହା କାରଣ ଯୋଗୁଁ ଏମାନେ ଗଦ ଶୁଙ୍ଗିଲା ଭଳି ସନ୍ୟାସୀଙ୍କର ପ୍ରତ୍ୟେକଟି ବୋଲ ମାନୁଛନ୍ତି। ଦୁଇ ଜଣ ଯାକ ଉପକୂଳିଆ ହୋଇଥିବାରୁ ଏମାନଙ୍କର କିନ୍ତୁ ଟିକେ ଖାତିର ରହିଛି।



## ନିଶ୍ଚୟ ଫଳିବ ଶ୍ରୀମୟୀଙ୍କ ଶାପ

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅଭିଶାପ ନିଶ୍ଚୟ ଫଳିବ। ତାଙ୍କ ତୁଣ୍ଡରୁ ବାହାରିଥିବା ଶାପ କେବେ ବ୍ୟର୍ଥ ହେବନାହିଁ। ତାଙ୍କରି ଅଭିଶାପ ଯୋଗୁଁ ଜଣେ ଚାଣକ୍ୟ ଏବେ କବାଟ କଣରେ ଲୁଚିଛନ୍ତି। ଏବେ ଯାହାଙ୍କ ଆଡେ ତାଙ୍କର ଶାପ ଦୃଷ୍ଟି ପଡିଛି ପୂର୍ବରୁ ତାଙ୍କର ଚାକରି ଯାଇଥିଲା, ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିଲେ ଏବେ ଆହୁରି କ୍ଷତି ଘଟିବ ବୋଲି ଶଙ୍ଖଭବନରେ ଆଲୋଚନା ଚାଲିଛି। ଶଙ୍ଖଭବନର ଜଣେ ଯୁବନେତା କହୁଥିଲେ ଯେ ଶ୍ରୀମୟୀ ହେଉଛନ୍ତି ଦଳର ଜଣେ ଶୃଙ୍ଖଳିତ ସଦସ୍ୟା। ଏବେ ବିଜେଡିରେ ନୂଆ ସବୁଜ ଗାମୁଛା ପକାଇଥିବା ମନ୍ମଥ ତାଙ୍କୁ ଯେଉଁଭଳି ନିଶ ହଲାଇ କଥା କହିଲେ ତାହା ଶ୍ରୀମୟୀଙ୍କୁ ଭାରି ବାଧିଛି। ସିଏ ଲୁଚି ଛପି ନୁହେଁ, ଖୋଲାଖୋଲି ଅଭିଶାପ ଦେଇଛନ୍ତି। କହିଛନ୍ତି ଯିଏ ମହିଳାଙ୍କୁ ଅସମ୍ମାନ କରିବ ସିଏ ମାଟିରେ ମିଶିଯିବ। ତେଣୁ ଶ୍ରୀମୟୀ ଯେଉଁ ଢଙ୍ଗରେ ଅଭିଶାପ ଦେଇଛନ୍ତି ତାହା ଯଦି ଫଳିଲା ତେବେ ମନ୍ମଥଙ୍କ ତେଲ ମରା ନିଶ ହଳକ ବି ରକ୍ଷା ପାଇପାରିବ ନାହିଁ। ଏମିତି ତ ସିଏ ଏକୁଟିଆ ବାଆଁରା ହୋଇ ବୁଲୁଛନ୍ତି, ଯଦି ଶାପର ପାପ ଭୋଗିବେ ତେବେ ଆକାଶରେ ଉଡୁଥିବା ଲୋକଟିର କି ଅବସ୍ଥା ହେବ ତାହାକୁନେଇ ତାଙ୍କର କିଛି ଚେଲା ଆତଙ୍କିତ ଅଛନ୍ତି। କାରଣ ଶ୍ରୀମୟୀଙ୍କୁ ଶେଷ ମୁହୂର୍ତ୍ତରେ ନିର୍ବାଚନୀ ବାରଣ କରିଥିବା ଦଳର ଜଣେ ନେତା କିଭଳି କବାଟ କଣେ ଛପିଛନ୍ତି ତାହା କାହାକୁ ଅଛପାନାହିଁ। କୁଆଡେ ଶ୍ରୀମୟୀଙ୍କ ଅଭିଶାପ ଯୋଗୁଁ ତାଙ୍କର ଏଭଳି ଅବସ୍ଥା ବୋଲି ଶଙ୍ଖଭବନରେ ଆଲୋଚନା ହେଉଛି।



## ଏସପି ହବ ତ ଏମିତି

ବାଲେଶ୍ୱରରୁ ଭୁବନେଶ୍ୱର ଯାଏ ଗୋଟିଏ ଚର୍ଚ୍ଚା। ଏସ୍‌ପି ହେବ ତ ସାଗରିକା ନାଥଙ୍କ ଭଳି। ଯେଉଁମାନେ ବାଲେଶ୍ୱରରେ ତାଙ୍କର ବିଦାୟକାଳୀନ ଦୃଶ୍ୟ ଦେଖିଛନ୍ତି ସେମାନେ ଏଭଳି ମତ ଦେଉଛନ୍ତି। ନିନ୍ଦୁକମାନେ ବି ସାଗରିକା ଲୋକପ୍ରିୟତା ଦେଖି ହତବାକ ହୋଇଛନ୍ତି। ଯେଉଁଦିନ ସାଗରିକାଙ୍କର ବଦଳି ତାଲିକା ବାହାରିଲା ସେହିଦିନ ରାଜ୍ୟର ପ୍ରାୟ ସବୁ ଜିଲ୍ଲାର ଏସ୍‌ପି ବଦଳିଥିଲେ। ହେଲେ ସାଗରିକା ଯେଉଁଦିନ ବାଲେଶ୍ୱର ଛାଡିଲେ ସେଦିନର ଦୃଶ୍ୟଥିଲା ନିଆରା। ପୁଲିସ୍ କର୍ମୀମାନେ ଧାଡିରେ ଛିଡାହୋଇ ସାଗରିକାଙ୍କ ଉପରେ ପୁଷ୍ପବୃଷ୍ଟି କରୁଥିଲେ। ଏସ୍‌ପିଙ୍କ ବେକରେ ଗଜାରାର ହାର। ଅନେକଙ୍କ ଆଖିରେ ଲୁହ। ସାଗରିକା ବି ଏଭଳି ସହକର୍ମୀଙ୍କୁ ଛାଡି ଆସୁଥିବାରୁ ମନର କୋହକୁ ଚାପ ରଖି ସମସ୍ତଙ୍କ ସହିତ ହାତ ମିଳାଉଥିଲେ। ଏହି ଏହି ଦୃଶ୍ୟଅନେକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏହାକୁ ଦେଖିଲା ପରେ ସାଧାରଣ ଜନତା କାହିଁକି ଅନେକ ପୁଲିସ୍ ଅଧିକାରୀ ବି ସାଗରିକାଙ୍କ ସାଗର ଭଳି ହୃଦକୁ ପ୍ରଶଂସା ନକରି ରହିପାରୁ ନାହାନ୍ତି। ସମସ୍ତଙ୍କ ପାଟିରୁ ବାହାରି ଆସୁଛି ଏସ୍‌ପି ହେବ ତ ଏମିତି।

## ଅତିରିକ୍ତ ବିଭାଗ ପାଇଁ ଘରେ ମହାଭାରତ



ରାଜ୍ୟର ଜଣେ ବରିଷ୍ଠ ଅଫିସର ଅତିରିକ୍ତ ବିଭାଗ ପାଇଲା ଦିନଠାରୁ ତାଙ୍କ ଘରେ ମହାଭାରତ ଅବସ୍ଥା। ଘରଣୀ ଗୋଡେ ଗୋଡେ ଜଗିଛନ୍ତି। ବାବୁ ସଭାରେ କାହା ସହିତ ବସୁଛନ୍ତି, କାହା ସହିତ ଫିତା କାଟୁଛନ୍ତି, ସଭା ପରେ କୁଆଡେ ଯାଉଛନ୍ତି ତାହାର ଟିକିନିଖି ଖବର ରଖୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବାବୁ କୁଆଡେ ନିଜର ମୂଳ ବିଭାଗ ପ୍ରତି ମନ ନଦେଇ ଡାଳ ବିଭାଗରେ ବେଶି ସମୟ ଦେଉଛନ୍ତି। ବାବୁଙ୍କର ତ ସହଜରେ ଲେଖା ପଢାରେ ମନ। ଏଣେ ଡାଳ ବିଭାଗରେ ସବୁଦିନ କିଛି କିଛି ନା କାର୍ଯ୍ୟକ୍ରମ ଚାଲୁଛି। ସବୁ କାର୍ଯ୍ୟକ୍ରମରେ ମାଳ ମାଳ ମହିଳା। କାହାକୁ ପୁରସ୍କାର ତ କାହାରୁ ସମ୍ବର୍ଦ୍ଧନା। ସବୁ ସଭାରେ ବାବୁ ଆଗରେ ରହି ଫଟୋ ଉଠାଉଛନ୍ତି। ବାବୁଙ୍କର ଏମନ୍ତ କାର୍ଯ୍ୟକ୍ରମ ସଂକ୍ରାନ୍ତରେ କେହି ଜଣେ ବିଶ୍ୱସ୍ତ ଆସି ଘରେ ଖବର ଦେବା ପରଠାରୁ ବାବୁଙ୍କ ଘରେ ମହାଭାରତ। ଅବସ୍ଥା ଏଭଳି ହୋଇଛି ଯେ ବାବୁଙ୍କୁ ବାହାରେ ଲଞ୍ଚ୍ କରିବାକୁ ଅନୁମତି ମିଳୁନାହିଁ। କଟକଣା ପରେ ବାବୁ ଢେର ମନମରା ହୋଇଛନ୍ତି। ହେଲେ ନିଜର କବି ସ୍ୱଭାବ ଗୁଣଟି ଥିବାରୁ ସଭା ସମିତିଠାରୁ ଦୂରେଇ ରହିପାରୁ ନାହାନ୍ତି। ଘରେ କେମିତି କ'ଣ କହି ବୁଝାଇବେ ସେଥିପାଇଁ ପ୍ରତିଦିନ ଗୋଟିଏ ଗୋଟିଏ ନୂଆ ଗପ ଚିନ୍ତା କରୁଛନ୍ତି।

## ମନ୍ତ୍ରୀଙ୍କ ମନ ଆହାରରେ




ରାଜ୍ୟର ଜଣଙ୍କ ପରେ ଜଣେ ମନ୍ତ୍ରୀ ଆହାର କେନ୍ଦ୍ରକୁ ଯାଇ ଭୋଜନ କରୁଛନ୍ତି। ପ୍ରଥମେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆହାର କେନ୍ଦ୍ରକୁ ଯାଇ ଭୋଜନ କଲେ। ଅବଶ୍ୟ ସିଏ ହେଉଛନ୍ତି ଆହାର କେନ୍ଦ୍ରର ମାଲିକା ମାନେ ତାଙ୍କ ବିଭାଗ ଅଧିନରେ ରହିଛି ଆହାର କେନ୍ଦ୍ର। ଏବେ ଜଣେ ମନ୍ତ୍ରୀ ସୁରେଶ ପୂଜାରୀ ପଶ୍ଚିମ ଓଡ଼ିଶାର ଗୋଟିଏ ଆହାର କେନ୍ଦ୍ରରେ ବସି ଖାଇଲେଣି। ତେବେ ୫ଟଙ୍କିଆ ଭାତ ଡାଲମା ଖାଇବାପାଇଁ ମନ୍ତ୍ରୀମାନଙ୍କର ଯେଭଳି ପ୍ରତିଯୋଗିତା ଚାଲିଛି ସେହି ତାଲିକାରେ ଆଉ କେଉଁ କେଉଁମାନେ ଆସୁଛନ୍ତି ତାହା ଦେଖିବାକୁ ବାକି ରହିଲା। ତେବେ ନିନ୍ଦୁକମାନେ କହୁଛନ୍ତି ମନ୍ତ୍ରୀ ସିନା ଖାଇ ଫଟୋ ଉଠାଇ ପଳାଉଛନ୍ତି, ହେଲେ ବାସ୍ତବ କଥାଟିକୁ ନଜର ଦେଉ ନାହାନ୍ତି। ଆହାର କେନ୍ଦ୍ରରେ ଯେଉଁ ଭାତ ଡାଲମା ପ୍ରସ୍ତୁତ ହେଉଛି ସେଥିରେ ଲୋକଙ୍କର ୫ଟଙ୍କା ସହ ସରକାର ଦେଉଥିବା ଟଙ୍କା ମିଶାଇଲେ ୨୩ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ୯ବର୍ଷ ଭିତରେ ଖାଦ୍ୟରେ କିଛି ପରିବର୍ତ୍ତନ ହେଉନାହିଁ। ଏତିକି ଟଙ୍କାର ଯଦି ଟେଣ୍ଡର ହେବ ତେବେ ଭାତ ସହିତ ଡାଲମା ଓ ଅନ୍ୟାନ୍ୟ ଖାଦ୍ୟ ମିଳିପାରିବ। ଏହାପରେ ଯେଉଁ ମନ୍ତ୍ରୀମାନେ ଆହାର ଖାଇବାକୁ ଆସିବେ ସେମାନେ ଟିକେ ନଜର ଦେଲେ ଭଲ ହେବ।

---

**ଫୁଙ୍ଗୁଲା ଦେହ ଦେଖିଲୁ, ଏବେ ନାମ ନେ**

# ସମାଜସେବୀଙ୍କ ସୈତାନି ଦିମାଗ



**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** "ମୋ ଦେହ ଦେଖିଲୁ, ମୋର ମଜା ନେଲୁ। ଏଥର ମୁଁ ଯାହା କହିବି କରିବୁ, ପୁଳାପୁଳା ଟଙ୍କା ଦେବୁ। ନହେଲେ ଅବସ୍ଥା ସାଙ୍ଘାତିକ କରିଦେବି । ଥାନାରେ କେସ ଦେବି।" ଏ କୌଣସି ଯାତ୍ରାର ସଂଳାପ ନୁହେଁ, ବରଂ ବ୍ଲାକମେଲ କରି ନୀତିଦିନ କିଛି ଯୁବକଙ୍କୁ ଗାତରେ ପକାଉଥିବା ଯୁବତୀଙ୍କ ଏ ହେଉଛି ବୟାନ । ସେକ୍ସଟୋର୍ସନ ମାଧ୍ୟମରେ ସହଜ ରୋଜଗାର ପାଇଁ ପାଗଳ ହେଲେଣି ମହିଳା ଓ ଯୁବତୀ। ଷ୍ଟାର ହୋଟେଲ ଓ କ୍ଲବରେ ପଡୁଛି ହନିଟ୍ରାପର ବ୍ଲୁ ପ୍ରିଣ୍ଟ। ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ ଘଟଣା ବୋଧ ହୁଏ ସାରା ରାଜ୍ୟରେ ସର୍ବାଧିକ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ନିପଟ ମଫସଲରୁ ଆସିଥିବା ଏହି ଯୁବତୀ ଜଣଙ୍କ ରାତାରାତି ବନିଥିଲା କୋଟିପତି। ଅଭିଯୋଗ ଆସିଲା ଯେ ଅର୍ଚ୍ଚନା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ବ୍ଲାକମେଲିଂ କରି କୋଟି କୋଟି ଟଙ୍କା ଆୟ କରିଥିଲା। ଅଡ଼ି, ମର୍ସିଡିଜ, ଏଣ୍ଡେଭର ଭଳି ଦାମି ଗାଡି କିଣିଛି । ମଞ୍ଚେଶ୍ୱର ଥାନା ସତ୍ୟବିହାର ଅଞ୍ଚଳରେ ଯେଉଁ ଘର କରିଛି, ତାକୁ ଦେଖିଲେ ଆଖି ଖୋସି ହୋଇଯିବ । ରାଜନେତା, ବିଲ୍ଡର, ସୁନା ଦୋକାନୀ, ହୋଟେଲ ମାଲିକ ସଭିଏଁ ଅର୍ଚ୍ଚନା ଙ୍କ ଫାଶରେ ପଡିଥିବା ପ୍ରମାଣ ପାଇଥିଲା ପୋଲିସ । କିନ୍ତୁ ଏଭଳି ଧନ୍ଦା କରି କୋଟି କୋଟି ଟଙ୍କାର ମାଲିକାଣି ହେବା ଓ ପରେ ଅୟସ ଆରାମରେ ଜୀବନ ଅତିବାହିତ କରିବା ଘଟଣା ସାରା ରାଜ୍ୟରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା ।

ପରେ ପରେ ସାମ୍ନାକୁ ଆସିଥିଲେ ବହୁରୂପୀ ଲେଡି ବ୍ଲାକମେଲର ଅର୍ଚ୍ଚନା ପାତ୍ର । କେତେବେଳେ ଲିପ୍ସା ମହାନ୍ତି ତ ଆଉ କେତେବେଳେ ଅର୍ଚ୍ଚିତା କର। ଭିନ୍ନ ଭିନ୍ନ ନାଁରେ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଲୋକଙ୍କୁ ଭକୁଆ ବନାଉଥିଲା ଅର୍ଚ୍ଚନା । ମିଠା ମିଠା ମେସେଜ କରି ଲେଟ ନାଇଟରେ କରୁଥିଲା ନ୍ୟୁଡ଼ କଲ। ଆଉ ଯିଏ ଫୁଙ୍ଗୁଳା ଦେହ ଦେଖିଲା, ସିଏ ଜାଲରେ ଫସିଲା। ପୁରା କ୍ରାଇମ ସିଣ୍ଡିକେଟକୁ କଣ୍ଟ୍ରୋଲ କରୁଥିଲା ସ୍ୱାମୀ ବାପି ପାତ୍ର। ପରପୁରୁଷ ହାତରେ ସ୍ତ୍ରୀକୁ ଟେକି ଦେବା ସହ ଖଟରେ ବିଛାଉଥିଲା ରଜନିଗନ୍ଧା। ପୋଲିସ ଏହି ଘଟଣାରେ ୪ ଟି ଏତଲା ପାଇବା ସହ ୧୦ ରୁ ଉର୍ଦ୍ଧ ଠକେଇ ନେଇ ଅଭିଯୋଗ ପାଇବା ସହ ଅଭିଯୁକ୍ତଙ୍କୁ ବାନ୍ଧିଛି । ପୂର୍ବରୁ ସହିଦନଗର ଥାନା ପକ୍ଷରୁ ପିହୁ ବିଶ୍ୱାସଙ୍କୁ ଗିରଫ କରାଯାଇଥିଲା। ବୀମା କରାଇବା ଆଳରେ ୩୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଠକି ନେଇଥିଲା ପିହୁ। ସେହିପରି ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ସୁନ୍ଦରୀ ଯୁବତୀଙ୍କ ଦ୍ୱାରା ଠକେଇ ଓ ନାଇଜେରିଆନ ଠକଙ୍କ ହନିଟ୍ରାପ ଭଳି ଗତ ଦେଢ଼ ବର୍ଷରେ ୧୮ ମାମଲା ରୁଜୁ କରିଛି ଓଡ଼ିଶା ପୋଲିସ। ଏଣୁ ଇଜି ମନି ସହ ଦେହ ସୁଖ ପାଇବା ଆଶାରେ ମାୟାବିନୀ ମହିଳା ଠକେଇର ମାୟାଜାଲ ବିଛାଉଛନ୍ତି। ଏଭଳି ଏକାଧିକ କେସ ଏବେ ସାଇବର ଥାନାକୁ ଆସିଥିବା ବେଳେ ଆଗକୁ ନିର୍ବାଚନ ରହିଛି। ଏଭଳି ଘଟଣା ନେତାମାନଙ୍କ କ୍ଷେତ୍ରରେ ଘଟିବାର ଆଶଙ୍କା ଥିବାରୁ ସଜାଗ ହୋଇଛି ଓଡ଼ିଶା ପୋଲିସ । କିନ୍ତୁ ଏବେ କିଛି ସମାଜସେବୀଙ୍କ ବିରୋଧରେ ଆସିଛି ଏଭଳି ସଙ୍ଗୀନ ଅଭିଯୋଗ। ସେବା କରିବା ନାଁରେ ଏମାନେ ଆପଣାଇଛନ୍ତି ବ୍ଲାକମେଲ କରିବା ଫଣ୍ଡା। ଯୁବକଙ୍କୁ ସାହାଯ୍ୟ, ଜମିବାଡ଼ି ମାମଲା ସମାଧାନ ଆଦି କରିବାକୁ କହି ଏମାନେ ଟଙ୍କା ଲୁଟୁଛନ୍ତି। ଦୁର୍ବଳ ମୁହୂର୍ତ୍ତର ସାହାଯ୍ୟ ନେଇ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଉଛନ୍ତି ଓ ପରେ ବ୍ଲାକମେଲ କରିବା ଅଭିଯୋଗ ଏବେ ନୟାପଲ୍ଲୀ ଥାନାରେ ହେବା ପରେ ମହିଳା ସମାଜସେବୀ ଫେରାର ହୋଇଯାଇଛନ୍ତି।

---

## ୯ ପୂର୍ବରୁ ଯିବ ୧ ଟଙ୍କା

**ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ):** ସୁଭଦ୍ରା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ପୁଣି ଖୁସି ଖବର ଆଣିଛନ୍ତି। ଆସନ୍ତା ୯ ତାରିଖରେ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ମିଳିବ। ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ୧ ଟଙ୍କା ପଠାଇବେ। ତା'ପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଜାରି କରିବେ। ଶ୍ରୀମତୀ ପରିଡ଼ା ମୟୂରଭଂଜରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ପଠାଇବେ। ତେବେ ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଏହି ପର୍ଯ୍ୟାୟରେ ଟଙ୍କା ଆସିବ ନାହିଁ, ସେମାନେ ଆଗାମୀ ଦିନରେ ପାଇବେ।

---

## ଆଜି ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଲକ୍ଷ୍ମୀବସ୍ ବନ୍ଦ

**ଆଲୋଚନା ପାଇଁ ଡାକିଲେ ପରିବହନ ମନ୍ତ୍ରୀ**

**ଭବାନୀପାଟଣା, ୬।୧୦ (ସଂଚାର ବ୍ୟୁରୋ):** ପାର୍ବଣ ସମୟରେ ବସ ଧର୍ମଘଟ। ହଟହଟ ହେବେ ଯାତ୍ରୀ। ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ତେଜିଲା ବିବାଦ। ଘରୋଇ ବସ୍ ବନ୍ଦ କରିବେ ପଶ୍ଚିମାଞ୍ଚଳ ଓ ଦକ୍ଷଣାଞ୍ଚଳର ବସ୍ ମାଲିକ ସଂଘ। ୭ ତାରିଖ ସନ୍ଧ୍ୟା ୬ଟାରୁ ୮ ତାରିଖ ସନ୍ଧ୍ୟା ୬ଟା ଯାଏଁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ୧୩ ଜିଲ୍ଲାର ୨୪ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟିଆ ଧର୍ମଘଟ କରିବେ। ମାଲିକମାନେ ଅଭିଯୋଗ କରିଛନ୍ତି, ବିଜେଡି ସରକାର ଅମଳରେ ପ୍ରଥମେ ଟାୟାର ୱାନ ଲକ୍ଷ୍ମୀ ବସ୍ ଚାଲିଥିଲା। ପ୍ରତିବାଦ ପରେ ବନ୍ଦ ରହିଥିଲା।ପୁଣି ଟାୟାର ଟୁ ଲକ୍ଷ୍ମୀ ବସ ଚଳାଚଳ ନେଇ ବସ ମାଲିକ ସଂଘ ପ୍ରତିବାଦ କରିଥିଲେ। ନିର୍ବାଚନ ଯୋଗୁଁ ତାହା ସ୍ଥଗିତ ରହିଥିଲା। ବର୍ତ୍ତମାନ ସରକାର ବଦଳିଛି, କିନ୍ତୁ ବଦଳିନି ପୂର୍ବ ସରକାରଙ୍କ ଯୋଜନା।ଏନେଇ ପରିବହନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । କଳାହାଣ୍ଡି ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ କହିଛନ୍ତି, ୧୪ ଜିଲ୍ଲା ଓ ୨୫ ୟୁନିୟନ ଏହି ଆଲୋଚନାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଆମେ ସଂଗ୍ରାମ ଜାରି ରଖିଛୁ। ଆମର ବସ୍ ମାଲିକ ଓ କର୍ମଚାରୀଙ୍କ ଦୁଃଖ ବୁଝିବାକୁ ସରକାର ଚେଷ୍ଟା କରନ୍ତୁ। ଆମ ପେଟପାଟଣାର କଥା। ସରକାର ଦାବି ଗ୍ରହଣ କରି ସମସ୍ୟାର ସମାଧାନ କରନ୍ତୁ ବୋଲି ଅନୁରୋଧ କରୁଛୁ। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି। ସେପଟେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବସ୍ ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି। ଲକ୍ଷ୍ମୀବସ୍‌ର ରୁଟ୍ ପରିବର୍ତ୍ତନ ପାଇଁ ତର୍ଜମା ଚାଲିଛି। ଖୁବ୍‌ଶୀଘ୍ର ରାଜ୍ୟସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ବଡ଼ଦାଣ୍ଡ ଉଠାଦୋକାନୀଙ୍କ ଥଇଥାନ ଯୋଜନା



**ପୁରୀ, ୬।୧୦ (ସଂଚାର ବ୍ୟୁରୋ):** ବିସ୍ଥାପିତ ରାସ୍ତାକଡ଼ ଦୋକାନୀଙ୍କ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ରାସ୍ତାକଡ଼ ବ୍ୟବସାୟୀଙ୍କ ଥଇଥାନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି।

ଶ୍ରୀମତି ପାଢ଼ୀ ଶ୍ରୀସେତୁ ଅଞ୍ଚଳରେ ବର୍ତ୍ତମାନ ନିର୍ମାଣାଧୀନ ଭେଣ୍ଡିଂ ଜୋନ୍ ପରିଦର୍ଶନ କରିଥିଲେ। ବିସ୍ଥାପିତ ବିକ୍ରେତାଙ୍କ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦେଇ ପ୍ରକଳ୍ପ କୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀଙ୍କୁ ପୁରୀ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟ ପ୍ରମୁଖ କର୍ମଚାରୀଙ୍କ ସମେତ ପୁରୀ ପୌରପାଳିକାର ଅଧିକାରୀମାନେ ଭେଣ୍ଡିଂ ଜୋନ୍ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ନିରନ୍ତର ପ୍ରୟାସ ସତ୍ତ୍ୱେ ବିସ୍ଥାପିତ ବିକ୍ରେତାମାନେ ସେମାନଙ୍କ ଥଇଥାନରେ ବିଳମ୍ବ କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି, ଯାହାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରିଛନ୍ତି।

ଘଟଣାସ୍ଥଳ ପରିଦର୍ଶନ ପରେ ଶ୍ରୀମତୀ ପାଢ଼ୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କୈଳାସଚନ୍ଦ୍ର ନାୟକ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ନାୟକ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଉପଯୁକ୍ତ ଥଇଥାନ ଅପେକ୍ଷାରେ ଥିବା କ୍ଷତିଗ୍ରସ୍ତ ଦୋକାନୀଙ୍କ ଥଇଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା। ବିସ୍ଥାପିତ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବାରୁ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଭାବିତ ବ୍ୟବସାୟୀମାନେ ଯେପରି ପର୍ଯ୍ୟାପ୍ତ ସହାୟତା ପାଇପାରିବେ ସେଥିପାଇଁ ସରକାର ଆଗ୍ରହୀ। ଏହି ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀଙ୍କ ସହ ପୌର ପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂହ ଓ ଅତିରିକ୍ତ ଶାସନ ସଚିବ ବିନୟକୁମାର ଦାଶ ମଧ୍ୟ ଉପସ୍ଥିତ ଥିଲେ।

## ଭାଙ୍ଗିଲା ଦୁର୍ଗା ପୂଜା ତୋରଣ



**ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ):** ଆଗକୁ ଦୁର୍ଗାପୂଜା। ଏନେଇ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ସାଜସଜ୍ଜାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ଣରେ ଭୁବନେଶ୍ୱରରେ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବୋହିଥିଲା। ବର୍ଷା ପବନରେ ରସୁଲଗଡ଼ଠାରେ ନିର୍ମାଣ ହୋଇଥିବା ୩୦ ଫୁଟ ଉଚ୍ଚର ଏକ ଲାଇଟ୍ ତୋରଣ ଭାଙ୍ଗିଯାଇଛି। ଲାଇଟ୍ ତୋରଣଟି ଭାଙ୍ଗି ରାସ୍ତା ଉପରେ ପଡିଥିଲା। ହେଲେ ଏଥିରେ କାହାରି କୌଣସି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ହେଲେ ତୋରଣରେ ଲାଗିଥିବା କେତେକ ଲାଇଟ୍ ପ୍ଲେଟ୍ ଭାଙ୍ଗି ଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ତୋରଣ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଏହାକୁ ସଜାଡିବାରେ ଲଗିଛନ୍ତି।

## ଗର୍ଭବତୀଙ୍କୁ ଦିଆଯାଇଛି ଏକ୍ସପାଏରୀ ମେଡିସିନ୍

**ଯାଜପୁର, ୬।୧୦ (ସଂଚାର ବ୍ୟୁରୋ):** ଗର୍ଭବତୀଙ୍କୁ ଦିଆଯାଇଛି ଦୁଇ ମାସର ଏକ୍ସପାଏରୀ ଔଷଧ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତ ଲେଙ୍କାସାହିରେ। ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ର ନାଥଶର୍ମାଙ୍କ ସ୍ତ୍ରୀ ସୁଭଦ୍ରା ନାଥଶର୍ମା ଛଅ ମାସର ଗର୍ଭବତୀ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯାଉଥିବା ଔଷଧ ସେବନ କରୁଛନ୍ତି। କିନ୍ତୁ ଦୁଇ ମାସ ପୂର୍ବରୁ ଏକ୍ସପାଏରୀ ହୋଇଯାଇଥିବା ଔଷଧ ଦେଇଛନ୍ତି ସ୍ଥାନୀୟ ଆଶାକର୍ମୀ। ଔଷଧଗୁଡିକୁ ଫାଟି ଯାଇଥିବା ଦେଖି ସନ୍ଦେହ ହୋଇଥିଲା । ମେଡିସିନ୍ ଖୋଳ ଉପରେ ଲେଖାଥିବା ତାରିଖ ଦେଖିଲା ପରେ ଜଣା ପଡିଥିଲା କି ଔଷଧଗୁଡିକ ଏକ୍ସପାଏରୀ ହୋଇଯାଇଛି। ଏନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି ।

---

## ପିଜିଟିର ୩ ବିଷୟରେ ପରୀକ୍ଷା ବାତିଲ

**ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ):** ପୋଷ୍ଟ ଗ୍ରାଜୁଏଟ ଟିଚର୍ସ (ପିଜିଟି) ନିଯୁକ୍ତି ଲାଗି ଉଦ୍ଦିଷ୍ଟ ୩ଟି ଅପ୍‌ସନାଲ ସବ୍‌ଜେକ୍ଟ- ପଦାର୍ଥ ବିଜ୍ଞାନ, ଗଣିତ ଓ ଓଡ଼ିଆ (ପେପର- ୧ ଓ ପେପର -୨) ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ବାତିଲ କରି ଦିଆଯାଇଛି। ଏନେଇ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଅନିବାର୍ଯ୍ୟ କାରଣ ଦର୍ଶାଇ ଏହି ପରୀକ୍ଷା ବାତିଲ୍ କରିଛି ଓପିଏସ୍‌ସି। କିନ୍ତୁ ଅନ୍ୟ ଅପ୍‌ସନାଲ ସବ୍‌ଜେକ୍ଟର ଲିଖିତ ପରୀକ୍ଷା ଧାର୍ଯ୍ୟ ସୂଚୀ ଅନୁସାରେ କରାଯିବ। ପଦାର୍ଥ ବିଜ୍ଞାନ, ଗଣିତ ଓ ଓଡ଼ିଆ ଅପ୍‌ସନାଲ ସବ୍‌ଜେକ୍ଟ (ପେପର -୧ ଓ ପେପର -୨) ପାଇଁ ଲିଖିତ ପରୀକ୍ଷା ବାତିଲ ହୋଇଥିବା ବେଳେ ନୂଆ ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓପିଏସ୍‌ସି ତରଫରୁ କୁହାଯାଇଛି। ସେଥିପାଇଁ ଓପିଏସ୍‌ସିର ୱେବସାଇଟକୁ ନିୟମିତ ଭାବେ ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ କମିଶନଙ୍କ ପରାମର୍ଶ।

# ପ୍ରତୀକ ଛାଡ଼ିଥିଲେ, ପିନାକ ବାନ୍ଧିଲେ

**ସହରରେ ଛନକା, ଦାଦାଙ୍କ ଭିତରେ ଭାଳେଣି**





**ଭୁବନେଶ୍ୱର, ୬।୧୦ (ସଂଚାର ବ୍ୟୁରୋ):** ଅଗଷ୍ଟ ମାସରେ ବଟି ମଗାଯାଇଥିଲା। ମିଠା ଦୋକାନୀଙ୍କୁ ଧମକ ଦିଆଯାଇଥିଲା। କେସ ମଧ୍ୟ ରୁଜୁ କରାଯାଇଥିଲା । କିନ୍ତୁ ଅକ୍ଟୋବର ମାସରେ ଗିରଫ କରାଗଲା । ପ୍ରତୀକ ସିଂଙ୍କ ବେଳେ ଏତଲା ହୋଇଥିବା ବେଳେ ପିନାକଙ୍କ ବେଳେ ଗିରଫ ଘଟଣା ଏବେ ଚର୍ଚ୍ଚାକୁ ବେଶ ବଢ଼ାଇଛି। ଦାଦାବଟି ମାଗି ବନ୍ଧାହୋଇଛନ୍ତି ଦାଦା। ନିଜକୁ ଭାଇ ବୋଲି କହି ଭାଇଗିରି ଦେଖାଉଥିବା ରଘୁନାଥ ବାରିକ ଓରଫ ରଘୁଆକୁ କାଲି ଗିରଫ କରିଛି ଏୟାରଫିଲଡ଼ ଥାନା ପୋଲିସ । ସୂଚନା ମୁତାବକ ଏୟାରଫିଲଡ଼ ଚଣ୍ଡୀ ବଜାର ନିକଟରେ କିଛିଦିନ ତଳେ ଜଣେ ଯୁବକ ମିଠା ଦୋକାନ କରିଥିଲେ । ଏକ କଣ୍ଟେନର ପକାଇ ନିଜ ବ୍ୟବସାୟ ଚଳାଉଥିଲେ। କିନ୍ତୁ ରଘୁଆ ଓ ତାଙ୍କ ୩ ସହଯୋଗୀ ସେଠାରେ ପହଞ୍ଚି ଦୋକାନ ପକାଇବାକୁ ୫ ଲକ୍ଷ ଟଙ୍କା ବଟି ମାଗିଥିଲେ । ଦୋକାନୀ ବଟି ଦେବାକୁ ମନା କରିବାରୁ ଏକ ଟ୍ରକ ରେ କେମିତି ଦୋକାନ ଆଗରେ ପଥର ଗଦାଉଛନ୍ତି ଅଭିଯୁକ୍ତ ଦେଖନ୍ତୁ। ଯାହାକୁ ନେଇ ଦୋକାନ ମାଲିକ ଏୟାରଫିଲଡ଼ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ରଘୁଆକୁ ଗିରଫ କରାଯାଇଛି। ପୂର୍ବରୁ ରଘୁଆ ନାଁ ରେ ହତ୍ୟା ଅଭିଯୋଗ ରହିଛି। କିଛିବର୍ଷ ତଳେ ଅମରେଶ ନାୟକ ନାମକ ଯୁବକଙ୍କୁ ହତ୍ୟା କରିଥିଲା ରଘୁଆ । ହତ୍ୟାକାଣ୍ଡ ମାମଲାରେ ଜାମିନରେ ଆସି ପୁଣି ବଟି ମାଗିବା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି।

ଆଜି ପିନାକ ମିଶ୍ର ମଧ୍ୟ ଏ ନେଇ କଡା ଚେତାବନୀ ଦେଇଛନ୍ତି । ସହରରେ ଭାଇଗିରି ସେ ଚଳାଇ ଦେବେନି ବୋଲି କହିଛନ୍ତି। କୌଣସି ପ୍ରକାର ମଧ୍ୟ ରାଜଧାନୀରେ ଗ୍ୟାଙ୍ଗ ବନାଇବାକୁ ପ୍ରଶୟ ଦିଆଯିବନାହିଁ। ଯିଏ ଆଇନକୁ ହାତକୁ ନେବ ତା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ପେସାଦରଙ୍କୁ ଘରୁ ଉଠାଯିବ । ଏକାଧିକ କେସ ଥିବା ଅପରାଧୀ ନିୟମିତ ବ୍ୟବଧାନରେ ଥାନାରେ ହାଜିରା ପକାଇବେ। ଯଦି ଏଥିରେ ଖିଲାପ କରନ୍ତି ତେବେ ତାଙ୍କୁ ଘରୁ ଉଠାଇନେବ ପୋଲିସ। ସେହିପରି ନିଶା କାରବାରରେ ଜଡିତ ଯୁବକଙ୍କୁ ମଧ୍ୟ ଖୁବଶୀଘ୍ର ତଡିପାର ପାଇଁ ପ୍ରସ୍ତୁତି ଆରମ୍ଭ କରାଯିବ । ଯେଉଁମାନେ ବନ୍ଧୁକ ପାଖରେ ରଖି ସାଙ୍ଗରେ ବୁଲୁଛନ୍ତି ସେମାନଙ୍କୁ ମଧ୍ୟ ଜେଲ ର ଚାରି କାନ୍ଥ ଭିତରକୁ ପଠାଯିବ ବୋଲି ଇସାରା ଦେଇଛନ୍ତି ପିନାକ । ପିନାକଙ୍କ ଏଭଳି ଆଭିମୁଖ୍ୟ ପରେ ଚିନ୍ତାରେ ପଡିଯାଇଛନ୍ତି ଅପରାଧୀ । ପ୍ରତୀକଙ୍କ ଠାରୁ ପିନାକ ବେଶ କଡା ବୋଲି ଅପରାଧୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଦେଖିବାକୁ ବାକି ରହିଲା କେବଳ କଥାରେ ନାଁ ସତରେ କାମରେ ମଧ୍ୟ ଆକ୍ସନ ହେଉଛି।

## ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ନିଆରା ପ୍ରୟାସ



**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ଗୃହ ପ୍ରବେଶ ବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ନିଆରା ପ୍ରୟାସ। ଅତିଥିମାନଙ୍କୁ ଗଛ ଉପହାର ଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ଆଜି ନିଜ ସରକାରୀ ବାସଭବନରେ ଗୃହ ପ୍ରବେଶ କରିଛନ୍ତି ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଏହି ଅବସରରେ ଆସିଥିବା ଅତିଥିମାନଙ୍କୁ ଗଛ ଚାରା ଉପହାର ଦେଇଛନ୍ତି ମନ୍ତ୍ରୀ। ଗୃହ ପ୍ରବେଶ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକମାନେ ଯୋଗଦେଇଥିଲେ। ଅନ୍ୟପକ୍ଷରେ କଳାହାଣ୍ଡି ଫରେଷ୍ଟର ଜୀବନ ହାରିବା ଘଟଣାରେ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ମାମଲା ଏବେ ବିଚାରାଧୀନ ଅଛି । ବିଭାଗ ମଧ୍ୟ ତଦନ୍ତ କରୁଛି । ଡିଏଫଓ ନିଲମ୍ବିତ ହୋଇଛନ୍ତି। ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର